## ଅକ୍ଟୋବର ୪ରୁ ଦଶମ ଷାଣ୍ମାସିକ ପରୀକ୍ଷା

କଟକ,(ସୁପ୍ରିୟା ପ୍ରିୟଦର୍ଶନୀ): ଆସନ୍ତା ଅକ୍ଟୋବର ୪ରୁ ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୁଇଟି ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୧୦ଟାରୁ ୧୨ଟା ୩୦ ମିନିଟ୍ ଓ ଦ୍ୱିତୀୟ ସିଟିଂ ପରୀକ୍ଷା ଅପରାହ୍ନ ସାଢ଼େ ୧ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ। ୪ ତାରିଖ ପ୍ରଥମ ସିଟିଂରେ ପ୍ରଥମ ଭାଷା ଓ ଦ୍ୱିତୀୟ ସିଟିଂରେ ଦ୍ୱିତୀୟ ଭାଷା ପରୀକ୍ଷା ହେବ। ସେହିପରି ୫ରେ ଗଣିତ ଓ ୬ରେ ବିଜ୍ଞାନ ପରୀକ୍ଷା ହେବ। ଏହି ଦୁଇଦିନ ପରୀକ୍ଷାର୍ଥୀମାନେ ଗୋଟିଏ ସିଟିଂ ପରୀକ୍ଷା ଦେବେ। ସେହିପରି ୭ ତାରିଖ ପ୍ରଥମ ସିଟିଂରେ ସାମାଜିକ ବିଜ୍ଞାନ ଓ ଦ୍ୱିତୀୟ ସିଟିଂରେ ତୃତୀୟ ଭାଷା ପରୀକ୍ଷା ହେବ।

**ସଂକ୍ଷେପରେ**

## ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷଙ୍କ ପରଲୋକ



ମହେନ୍ଦ୍ର ବଢେଇ

**ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ):** ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢେଇଙ୍କ ଗୁରୁବାର ପରଲୋକ ହୋଇଛି। ସେ ଭୁବନେଶ୍ୱରରେ ଥିବାବେଳେ ଗତ କିଛିଦିନ ହେଲା ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଟାଲ ଗ୍ରାମର ସ୍ୱର୍ଗତ ବଢେଇ ଜଣେ ପ୍ରଶାସନିକ ଅଧିକାରୀ ଥିଲେ। ଗତ ପଦ୍ମପୁର ଉପ ନିର୍ବାଚନ ସମୟରେ ସେ ସ୍ୱେଚ୍ଛାକୃତ ଅବସର ନେଇ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଇଥିଲେ। ସେ ବିଜେଡିର ଜଣେ ଆଗଧାଡ଼ିର ନେତା ଭାବେ ସକ୍ରିୟ ରାଜନୀତିରେ ରହିଥିଲେ। ସେ ତାଙ୍କ ଜୀବନକାଳରେ ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ସମାଜସେବା କାମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଦ୍ମପୁର ଉପଖଣ୍ଡ ସମେତ ବରଗଡ଼ ଜିଲାରେ ଗଭୀର ଶୋକପ୍ରକାଶ ପାଇଛି।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୭।୯ (କାର୍ତ୍ତିକ ସାହୁ):** ଆସନ୍ତା ୯ ତାରିଖରେ ହାଇକୋର୍ଟ ସମେତ ପ୍ରତ୍ୟେକ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ବିଚାରଧୀନ ମାମଲାର ସମାଧାନ ଆପୋସ ସହମତିରେ କରାଯାଇପାରିବ। ଏଥିସହ ପ୍ରାକ୍ ମୋକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବ୍ୟାଙ୍କଋଣ, ଚେକ୍ ବାଉନ୍ସ, ଶ୍ରମ ଓ ପାରିବାରିକ ବିବାଦର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ କରାଯିବ। ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫିଁ ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁଯୋଗ। ଏହି ଲୋକ ଅଦାଲତରେ ମୋକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଓ ଅମଳଯୋଗ୍ୟ ବୋଲି କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

## ମକା ଚୋରାଇବା ଅଭିଯୋଗରେ ୧୦ ଯୁବକଙ୍କୁ ନିସ୍ତୁକ ମାଡ଼

**ନବରଙ୍ଗପୁର,୭।୯(ସଦାଶିବ ପ୍ରହରାଜ):** ମକା କ୍ଷେତରୁ ଚୋରି କରିବା ଅଭିଯୋଗରେ କଳାହାଣ୍ଡିରୁ ଆସି ଉମରକୋଟରେ କାମ କରୁଥିବା ୧୦ଜଣ ଯୁବକଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ମାଡ଼ ଖାଇଥିବା ଯୁବକମାନେ ଉମରକୋଟ ଛାଡ଼ି ପଳାଇଥିବା ଜଣାପଡ଼ିଛି। ଉମରକୋଟ ସହର ନିକଟସ୍ଥ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପାଖରେ ତିଆରି ଚାଲିଥିବା ଇନ୍‌ଡୋର ଷ୍ଟାଡିୟମ୍‌ରେ କଳାହାଣ୍ଡିର ୧୦ଜଣ ଯୁବକ ରଙ୍ଗ କାମ କରୁଥିଲେ। ପାଖରେ ଥିବା ମକା କ୍ଷେତରୁ ଯୁବକମାନେ ୩ଦିନ ହେବ ମକା ଚୋରାଉ ଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ବୁଧବାର ରାତି ପ୍ରାୟ ୭ଟାରେ ଗ୍ରାମବାସୀ ମକା କ୍ଷେତରେ ଲୁଚି ବସିଥିଲେ। କିନ୍ତୁ ରଙ୍ଗ କାମ କରୁଥିବା ଯୁବକମାନେ ମକା ତୋଳିବା ପାଇଁ ଯାଇ ନ ଥିଲେ। ତେବେ ରାତି ପ୍ରାୟ ୯ଟାରେ ମକା ପୋଡ଼ା ବାସ୍ନା ହୋଇଥିଲା। ଗୁରୁବାର ଗ୍ରାମବାସୀ ଯୁବକଙ୍କ ନିକଟକୁ ଯାଇ ମକା ଧରାଇ ଫଟୋ ଉଠାଇଥିଲେ। ବଜାରରୁ ମକା କିଣି ଖାଉଛୁ ବୋଲି ଯୁବକମାନେ କହିବା ସତ୍ତ୍ୱେ ଗ୍ରାମବାସୀ ନ ଶୁଣି ବାଡ଼ି ଓ ଠେଙ୍ଗାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହାର ଭିଡିଓ ଏବେ ଭାଇରାଲ ହେଉଛି।

# ଅଭିଯୋଗକାରୀ ପ୍ଲାନିଂ ଅଫିସର ଅଭିଯୁକ୍ତ

**ଏସ୍‌ଡିଏରେ ଜାଲ୍ ଅନୁମତି**

**ଗିରଫ ପରେ କୋର୍ଟ ଚାଲାଣ**

**ସମ୍ବଲପୁର,୭।୯(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଫିସରେ ଚାଲିଥିବା ଜାଲିଆତି ନେଇ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଗତମାସ ୨୨ତାରିଖରେ ୨ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଖୋଦ୍ ଅଭିଯୋଗକାରୀ ଏବେ ଅଭିଯୁକ୍ତ ହୋଇଯାଇଛନ୍ତି। ଅଇଁଠାପାଲି ଥାନାରେ ପୋଲିସ ଏକ ମାମଲା (ନଂ.୩୬୯/୨୩) ରୁଜୁ କରି ଅଭିଯୁକ୍ତ ବନ୍ଦିତାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅସ୍ଥାୟୀ କର୍ମଚାରୀ ମାନସ ଚଇନିଙ୍କୁ ମଧ୍ୟ ଗିରଫ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଲବୁନସ କେରକେଟା କହିଛନ୍ତି।



ଏସ୍‌ଡିଏ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର।

କେରକେଟା ଆହୁରି କହିଥିଲେ, ଅଇଁଠାପାଲି ଥାନା ଅଞ୍ଚଳର ଦେବରାଜ ସାହୁ ଅଭିଯୋଗ କରିଥିଲେ ଯେ, ତାଙ୍କ ଘର ନିର୍ମାଣ ଅନୁମତିପତ୍ର ପାଇଁ ଆବେଦନ କରିଥିଲେ। ପ୍ଲାନିଂ ଅଫିସର ବନ୍ଦିତାଙ୍କୁ ଭେଟିବା ପରେ ସେ ଟଙ୍କା ଦେବାକୁ କହିଥିଲେ। ତଦନୁଯାୟୀ ଏପ୍ରିଲରେ ୨ ଲକ୍ଷ ୬୦ ହଜାର ଟଙ୍କା ଅଭିଯୁକ୍ତ ମାନସ ଓ ଏସ୍‌ଡିଏର ସହକାରୀ କିରାଣୀ ଲକ୍ଷ୍ମୀ ନାରାୟଣ ସାମଲଙ୍କୁ ଦେଇଥିଲେ। ଏହି ଅଧାରରେ ପୋଲିସ ଗିରଫ କରିଛି ବୋଲି କହିଥିଲେ।

ଅନ୍ୟପକ୍ଷେ ପୋଲିସ ବନ୍ଦିତାଙ୍କୁ ଗିରଫ କରି ମାମଲାକୁ ଚାପିଦେବାକୁ ଉଦ୍ୟମ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବନ୍ଦିତାଙ୍କୁ ଅଭିଯୁକ୍ତ କରି ଏସ୍‌ଡିଏର କେତେଜଣ ପୂର୍ବତନ ଅଧିକାରୀ ଓ କର୍ମଚାରୀ ବର୍ତ୍ତିଯିବା ପାଇଁ ଉଦ୍ୟମ କରୁଥିବାରୁ ଏହାର ତଦନ୍ତ ଦାବି ହେଉଛି। ସୂଚନାଯୋଗ୍ୟ ଗତ ୨୨ତାରିଖରେ ଜାଲିଆତି କରି ଘର ନିର୍ମାଣ ଅନୁମତି ଦେବା ନେଇ ପ୍ଲାନିଂ ଅଫିସର ବନ୍ଦିତାଙ୍କ ଅଭିଯୋଗକ୍ରମେ ପୋଲିସ ମୁଖ୍ୟ ଅଭିଯୁକ୍ତ ଏସ୍‌ଡିଏର ସହକାରୀ କିରାଣି ସାମଲ, ଝାଡୁଆପଡ଼ାର ସୁଧାଂଶୁ କିଶୋର ପତି, ଅଇଁଠାପାଲି ଥାନା କାଇଁସିର ଅଜୟ କୁମାର ବେହେରା, ଚାରମାଳ ଥାନା ବଡମାଲ ଗ୍ରାମର ବିକାଶ ଜଗତ, ଧନୁପାଲି ଥାନା କୁଲୁଟକାନୀର ଏସ୍‌ଡିଏର ମନ୍ଦିର ପୂଜକ ଦାମୋଦର ତ୍ରିପାଠୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଆକାଉଣ୍ଟରୁ ୩କୋଟି ୩୧ ଲକ୍ଷ ୯୬ ହଜାର ୨୨୭ ଟଙ୍କା ସହ ୨ଟି କାର୍, ଗୋଟିଏ ମୋଟରସାଇକେଲ, କମ୍ପ୍ୟୁଟର, ଦସ୍ତାବିଜ ଜବତ କରିଥିଲା। ଅଭିଯୁକ୍ତ ସାମଲ ଗିରଫ ହେବାର ୩ମାସ ପୂର୍ବରୁ ଏସ୍‌ଡିଏ ଛାଡି ଆର୍‌ଡିସି ଅଫିସରେ ଅସ୍ଥାୟୀ ଭାବେ ଚାକିରି କରୁଥିଲେ। ସାମଲ କିପରି ଆର୍‌ଡିସି ଅଫିସରେ ଚାକିରି ପାଇଲେ, ଯାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## କାମୁଡ଼ିଥିବା ସାପକୁ ଧରି ଡାକ୍ତରଖାନାରେ

**ଭଦ୍ରକ, ୭।୯ (ସନାତନ ରାଉତ)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ୧୧ ନମ୍ବର ୱାର୍ଡର ଜଣେ ଯୁବକ କାମୁଡ଼ିଥିବା ସାପକୁ ଧରି ଡାକ୍ତରଖାନାରେ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ସାପ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଉକ୍ତ ୱାର୍ଡର ସେକ ସାଜନ ଅଲ୍ଲୀ ଗୁରୁବାର ସନ୍ଧ୍ୟାରେ ଘର ସଫା କରୁଥିବା ବେଳେ ଏକ ବିଷାକ୍ତ ତମ୍ପ ସାପ ତାଙ୍କ ବାମହାତର ବୁଢ଼ା ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ସାପକୁ କୌଶଳକ୍ରମେ ଧରି ଏକ ପ୍ଲାଷ୍ଟିକ ଡବାରେ ରଖି ମା' ଖୁମୁରି ବିବିଙ୍କ ସହ ପ୍ରଥମେ ବାସୁଦେବପୁର ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେ ସାପକୁ ନେଇ ଭଦ୍ରକ ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।



କାମୁଡ଼ିଥିବା ସାପକୁ ଡବାରେ ରଖି ଧରିଛନ୍ତି ବାସୁଦେବପୁର ସେକ ସାଜନ ଅଲ୍ଲୀଙ୍କ ମା'।

## କୃଷି ଯନ୍ତ୍ରପାତି ଯୋଗାଇବାକୁ ୪୫୦ କୋଟିର ରିହାତି ଦେବେ ସରକାର

**ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର)**

କୃଷି ଯନ୍ତ୍ରପାତି ଓ ଉପକରଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରଦାନ କରୁଥିବା ରିହାତି ବ୍ୟବସ୍ଥାକୁ ଅଧିକ ସରଳୀକରଣ ଓ ବ୍ୟବସ୍ଥିତ କରାଯିବ। ରିହାତି ପ୍ରଦାନରେ ଅନିୟମିତତା ଓ ଅହେତୁକ ବିଳମ୍ବ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୨୦୨୩-୨୪ରେ ରାଜ୍ୟରେ ୭୦ ହଜାର କୃଷି ଯନ୍ତ୍ରପାତି ଓ ଉପକରଣ ଯୋଗାଣ ପାଇଁ ବିଭାଗ ପକ୍ଷରୁ ୪୫୦ କୋଟି ଟଙ୍କାର ସରକାରୀ ରିହାତି ପ୍ରଦାନର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷି ଭବନଠାରେ ଗୁରୁବାର ଚଳିତ ବର୍ଷର କୃଷି ଯନ୍ତ୍ରପାତି ମେଳା ଆୟୋଜନ ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଅଦ୍ୟାବଧି ୨୪,୬୯୩ ଟି ଯନ୍ତ୍ରପାତିର ରିହାତି ବାବଦକୁ ହିତାଧିକାରୀଙ୍କୁ ୧୫୧.୨୦୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଖାଦ୍ୟଶସ୍ୟ ଓ କୃଷିଜାତ ଦ୍ରବ୍ୟ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ରହିଛି। କୃଷିକ୍ଷେତ୍ରରେ ବୈଷୟିକ ଜ୍ଞାନର ଉପଯୋଗ ଓ କ୍ଷୟଶୀଳ ପ୍ରାକୃତିକ ସମ୍ପଦ ଏବଂ ଉତ୍ପାଦନ ଖର୍ଚ୍ଚ ହ୍ରାସ ଆଦି ସମସ୍ୟାର ସମାଧାନ ଦିଗରେ କୃଷି ଯାନ୍ତ୍ରିକୀକରଣ ଏକ ପ୍ରମୁଖ ବିକଳ୍ପ। ତେଣୁ କୃଷିକ୍ଷେତ୍ରରେ ଅଧିକରୁ ଅଧିକ କୃଷି ଯନ୍ତ୍ରପାତିର ବ୍ୟବହାରକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ରାଜ୍ୟ ସରକାର କୃଷକମାନଙ୍କୁ ଉନ୍ନତ କୃଷି ଯନ୍ତ୍ରପାତି ଓ ଉପକରଣ ଯୋଗାଣ ପାଇଁ ଆକର୍ଷଣୀୟ ରିହାତି ତଥା ସୁବିଧାରେ ଋଣ ଯୋଗାଇ ଦେଉଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।



ଗୁରୁବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଟ୍ରାଫିକ ଛକରେ ଜମି ରହିଥିବା ପାଣିରେ ଗାଡ଼ିଗୁଡ଼ିକ ଚଳାଚଳ କରୁଛି। (ଫଟୋ- ମନୋରଞ୍ଜନ ମିଶ୍ର)

# ୨୪ ଘଣ୍ଟାରେ ୭ ଜିଲାରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୭।୯(ଅନିଲ ଦାସ)**

**୨୦ ଜିଲାରେ ସ୍ୱାଭାବିକ ବର୍ଷା**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ଧୋକା ଦେଇଛି। ରାଜ୍ୟକୁ ଯେତିକି ବର୍ଷା ହେବା କଥା ସେଥିରୁ ୧୨% କମ୍ ହୋଇଛି। ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୭ ତାରିଖ ଯାଏ ରାଜ୍ୟରେ ୧୨% କମ୍ ବର୍ଷା ହୋଇଛି। ୨୦ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୦ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟରେ ୯୮୪.୯ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୮୬୭.୯ ମିଲିମିଟର। ବର୍ଷାଭାବରୁ ରାଜ୍ୟର ୧୦ଟି ଜିଲା ମରୁଡ଼ି ସଙ୍କଟର ସମ୍ମୁଖୀନ ହୋଇଛି। ବଲାଙ୍ଗୀରରେ ୨୧% କମ୍ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୪୧, କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୨୯, କଳାହାଣ୍ଡି ୩୭, ପୁରୀ ୨୬, ଯାଜପୁର ୨୩, ଜଗତ୍‌ସିଂହପୁର ୨୭, ରାୟଗଡ଼ା ୨୬ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୨% କମ୍ ବର୍ଷା ହୋଇଛି। ଘୂର୍ଣ୍ଣିବଳୟ ଯୋଗୁ ଗୁରୁବାର ରାଜ୍ୟର ୭ଟି ଜିଲାରେ ପ୍ରବଳ ବର୍ଷା ହୋଇଛି। ବାଲେଶ୍ୱରରେ ସର୍ବାଧିକ ୧୨୭ ମିଲିମିଟର ରେକର୍ଡ କରାଯାଇଥିବାବେଳେ ଗଜପତି ୨୭୮, କୋରାପୁଟ ୪୯୫, ମାଲକାନଗିରି ୩୧୦, ମୟୂରଭଞ୍ଜ ୨୧୦, ନବରଙ୍ଗପୁର ୨୦୯, ରାୟଗଡ଼ାରେ ୨୦୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ୨ ଭାଇଙ୍କୁ ହାଣି ଦେଢ଼ ଲକ୍ଷ ନେଇଗଲେ

**କେନ୍ଦୁଝର,୭।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଗୁରୁବାର ଅପରାହ୍ନ ସାଢ଼େ ୩ଟା ସମୟରେ ଆକୁଳ ସାପ୍ତାହିକ ହାଟକୁ ୨ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ବ୍ୟବସାୟୀ ୨ ଭାଇଙ୍କୁ ବନ୍ଧୁକ ଦେଖାଇ ଓ ଭୁଜାଲିରେ ହାଣି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ୨ ଭାଇ ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଗୋଲାଗାଡ଼ିଆ ଗ୍ରାମର ଶରତ ସାହୁ(୫୩) ଓ ଭରତ ସାହୁ(୪୮)।

ସୂଚନା ଅନୁଯାୟୀ, ୨ ଭାଇ ଆକୁଳ ସାପ୍ତାହିକ ହାଟରେ ତେଜରାତି ଦୋକାନ କରିଛନ୍ତି। ଗୁରୁବାର ହାଟ ସରିବା ପରେ ଦୋକାନ ବନ୍ଦ କରିବାକୁ ଯାଉଥିବା ବେଳେ ୨ ଦୁର୍ବୃତ୍ତ ପହଞ୍ଚି ଟଙ୍କା ବ୍ୟାଗ୍ ଝାମ୍ପିବାକୁ ଉଦ୍ୟମ କରିଥିଲେ। କିଛି ସମୟ ୨ ଭାଇ ଓ ଦୁର୍ବୃତ୍ତଙ୍କ ମଧ୍ୟରେ କସରତ ହୋଇଥିଲା। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସେମାନଙ୍କୁ ଭୟଭୀତ କରାଇଥିଲେ। ସେଥିରେ ସଫଳ ନ ହେବାରୁ ଭୁଜାଲିରେ ହାଣି ଟଙ୍କା ବ୍ୟାଗ ଧରି ତେଲକୋଇ ରାସ୍ତାରେ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶରତ ଓ ଭରତ ଆହତ ହୋଇଛନ୍ତି। ଉଭୟଙ୍କୁ ଶିରିଗିଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଗାଡ଼ିରେ ନିଆଁ ଲଗାଇଦେଲେ ଉତ୍ତ୍ୟକ୍ତ ଲୋକେ

**ପାଟଣା,୭।୯(ବୀର କିଶୋର ଦାଶ)**

**ଚାଲାଣ ବେଳେ ସ୍କର୍ପିଓରୁ ୩ ଗୋରୁ ଉଦ୍ଧାର**

କେନ୍ଦୁଝର ଜିଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଧାନବେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଏକ ସ୍କର୍ପିଓରୁ ୩ ଗୋରୁ ଉଦ୍ଧାର କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଗୋରୁ ବାହାର କରି ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ସ୍କର୍ପିଓରେ ଚୋରା କାଠ ବୋଝେଇ ଥିବା ସନ୍ଦେହ କରି ବନ ବିଭାଗ ପିଛା କରୁଥିଲା। ଧାନବେଣୀ ସ୍କୁଲ ନିକଟରେ ଗାଡ଼ିର ଆଗ ଚକା ଫାଟିଯାଇଥିଲା। ଲୋକେ ରୁଣ୍ଡ ହେବା ଦେଖି ୩ ଗୋରୁ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ସ୍କର୍ପିଓ ଭିତରେ ଗାଈ ଗୁଡ଼ିକୁ ଅତି ଦୟନୀୟ ଅବସ୍ଥାରେ ବାନ୍ଧି ନେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ପରେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ପାଟଣା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, କପୁଣ୍ଡି ସରପଞ୍ଚ ସୁନିତା କୁସୁମାଳିଆ, ସମିତି ସଭ୍ୟ ବିଜୟ ପଇଡା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ସହ ଗାଡ଼ିରୁ ନିଆଁ ଲିଭାଇଥିଲେ। ପରେ ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲା।

# ରେଡ୍‌କ୍ରସ୍ ସହାୟତା ରାଶି ୫୦ ଲକ୍ଷ ପର୍ଯ୍ୟନ୍ତ ବଢ଼ିଲା

**ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)**

ଯୁବ ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ସ୍ଥାନୀୟ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେଡ୍‌କ୍ରସ୍ ସଦସ୍ୟମାନଙ୍କ ଯାତାୟାତ ଖର୍ଚ୍ଚ ୩ଲକ୍ଷ ୬୦ ହଜାର ଟଙ୍କା ଓ ସମୁଦାୟ ରେଡ୍‌କ୍ରସ୍ ପୁରସ୍କାର ସଂଖ୍ୟା ୩୩କୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରେଡ୍‌କ୍ରସ୍‌କୁ ସରକାରୀ ସହାୟତା ରାଶି ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବରୁ ଏହି ସହାୟତା ରାଶି ୨୦ ହଜାର ଟଙ୍କା ଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନରହରି ସେଠୀ, ଭାରତୀୟ ରେଡ୍‌କ୍ରସ ସୋସାଇଟିର ଅବୈତନିକ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ, ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଏବଂ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଯୁବ ରେଡ୍‌କ୍ରସ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଚାରାରୋପଣ, ସଡ଼କ ସୁରକ୍ଷା ସଚେତନତା, ଏଚ୍‌ଆଇଭି (ଏଡ୍‌ସ) ସଚେତନତା, ରକ୍ତଦାନ, ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଭଳି ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନାୟକ ପରାମର୍ଶ ଦେଇଥିଲେ। ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା ଆଦି ଅଣଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ୪୦୦ରୁ ଊର୍ଦ୍ଧ୍ୱ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଶେଷରେ ଡ. ରମେଶ ବେହେରା ଧନ୍ୟବାଦ ଦେଇଥିଲେ।



ବୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ଏକାମ୍ର ହାଟ ପରିସରରେ ଆୟୋଜିତ ୧୪ ଦିନିଆ ସିଲ୍କ ଫାବ୍ ପ୍ରଦର୍ଶନୀ ଓ ବିକ୍ରୟ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି। ଏହା ଆସନ୍ତା ୧୮ ପର୍ଯ୍ୟନ୍ତ ଚାଲିବ।

## ସ୍ୱଚ୍ଛ ବାୟୁ ସର୍ବେକ୍ଷଣ: ଅନୁଗୋଳ ପୌରପାଳିକା ପୁରସ୍କୃତ

**ଅନୁଗୋଳ,୭।୯(ଅମିତ କୁମାର ସାମଲ)**

କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ୩ ଲକ୍ଷରୁ କମ୍ ଜନସଂଖ୍ୟା ସହର ଭିତରେ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଭୋପାଳସ୍ଥିତ କୁଶାଭାଉ ଠାକ୍‌ରେ ହଲ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଗୋଳ ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ମଧୁସ୍ମିତା ବିଶି ଏହି ପୁରସ୍କାର ଗ୍ରହଣ କରିଥିଲେ। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଅନୁଗୋଳ ପୌରପାଳିକାକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ମାନପତ୍ର ସହ ୧୨ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପାଇଁ ଗତ ଏକ ବର୍ଷ ଧରି ରାଜ୍ୟର କଟକ, ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର, ତାଳଚେର ଓ ଅନୁଗୋଳରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ତେବେ ଦେଶର ୧୩୧ଟି ସହର ଓ ରାଜ୍ୟର ୬ଟି ସହରକୁ ପଛରେ ପକାଇ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଅନୁଗୋଳ ପୌରପାଳିକା ୨୦୦ ନମ୍ବରରୁ ୧୮୭.୫ ନମ୍ବର ରଖିଥିବା ଜଣାପଡ଼ିଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ପୁରସ୍କାର ପାଇଁ ଅନୁଗୋଳ ପୌରପାଳିକାକୁ ମନୋନୀତ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ୧ ନିୟୁତରୁ ଊର୍ଦ୍ଧ୍ୱ ଜନସଂଖ୍ୟା ସହର ମଧ୍ୟରେ ମଧ୍ୟପ୍ରଦେଶର ଇନ୍ଦୋର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଏହା ପଛକୁ ରହିଛି ଉତ୍ତର ପ୍ରଦେଶର ଆଗ୍ରା ଓ ମହାରାଷ୍ଟ୍ରର ଠାଣେ ସହର। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଦେଶର ୧୩୧ଟି ସହରରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ କରାଯାଇଥିଲା।

# ଦକ୍ଷତା ବୃଦ୍ଧି ତାଲିମ ନେଲେ ୪୮ ଅବକାରୀ ଏସ୍‌ଆଇ



ସିଡିଏସ୍ଥିତ ଅବକାରୀ ନିର୍ଦ୍ଦେଶାଳୟରେ ଆୟୋଜିତ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସହ ଅନ୍ୟମାନେ।

**କଟକ,୭।୯ (କାର୍ତ୍ତିକ ସାହୁ)**

ରାଜ୍ୟରେ ପ୍ରଥମଥର ପାଇଁ ବିଭିନ୍ନ ଜିଲାର ୪୮ ଜଣ ଅବକାରୀ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ଦକ୍ଷତା ବୃଦ୍ଧି ତାଲିମ ନେଉଛନ୍ତି। ସିଡିଏସ୍ଥିତ ଅବକାରୀ ନିର୍ଦ୍ଦେଶାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବକାରୀ ଆଇନ, ଧାରା, ଏନ୍‌ଡିପିଏସ୍ ଆଇନ ଓ ଅବକାରୀ ମାନୁଆଲ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୮ ଜଣଙ୍କୁ ତାଲିମ ଦିଆଯାଇଛି। ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ ଏହାକୁ ଉଦ୍‌ଘାଟନ କରିଥିଲେ। ଅବକାରୀ ଯୁଗ୍ମ କମିଶନର ଡ. ଦିବ୍ୟଲୋଚନ ମହନ୍ତ, ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର, ଡେପୁଟି କମିଶନର (ତାଲିମ) ରଜତ କୁମାର ପ୍ରହରାଜ, ଏକ୍ସାଇଜ୍ ଡେପୁଟି କମିଶନର (ନୀତି) ଦେବଦତ୍ତ ଧଳ, ଆକାଉଣ୍ଟସ୍ ଅଫିସର ଓ ପାଠ୍ୟକ୍ରମ ସଂଯୋଜକଙ୍କ ସମେତ ବିଶେଷଜ୍ଞମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ୩୦ ଦିନ ଧରି ଜାରି ରହିବ। ଅବକାରୀ କମିଶନର ଭୋଳ ପ୍ରଶିକ୍ଷାର୍ଥୀଙ୍କୁ ଆଇନ, ନିୟମ, ପ୍ରକ୍ରିୟାର ଜଟିଳତା ବିଷୟରେ ଭଲଭାବେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ଉପସ୍ଥାପିତ କେସ୍-ଷ୍ଟଡିରୁ ସେମାନଙ୍କୁ ଶିଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ଅନୁସନ୍ଧାନ ସମୟରେ ନାର୍କୋଟିକ୍ସ ଆଇନ୍ ଯେପରିକି ଏନ୍‌ଡିପିଏସ୍ ଆକ୍ଟ, ପିଆଇଟି ଏନ୍‌ଡିପିଏସ୍ ଆକ୍ଟ ଆଦି ଅନୁସରଣ କରାଯିବାକୁ ଥିବା ପଦ୍ଧତିର ପ୍ରକ୍ରିୟାଗୁଡ଼ିକୁ ଶିଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସେମାନଙ୍କର ଗୁଣାତ୍ମକ ଅନୁସନ୍ଧାନରେ ସହାୟତା କରିବା ସହିତ ଦୋଷୀଙ୍କୁ ଦଣ୍ଡ ଦେବାକୁ ସହାୟକ ହେବ।

ସୂଚନାଯୋଗ୍ୟ, ଅବକାରୀ ବିଭାଗର ଇତିହାସରେ ପ୍ରଥମ ଥର ପାଇଁ ବହୁ ସଂଖ୍ୟକ ଏସ୍‌ଆଇଙ୍କୁ ତାଲିମ ଦେବା ନିମନ୍ତେ ଇନ୍-ହାଉସ୍ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ସେମାନଙ୍କର ଅନୁସନ୍ଧାନକାରୀ ଜ୍ଞାନ ଏବଂ କୌଶଳକୁ ବଢ଼ାଇବା ସହିତ ଅବକାରୀ ଆଇନ ଏବଂ ଆଣ୍ଟି-ନାର୍କୋଟିକ୍ସ ଆଇନର ଉତ୍ତମ କାର୍ଯ୍ୟକାରିତା ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି। ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱପ୍ନଠାରୁ ବାସ୍ତବତା ଚ୍ୟାଲେଞ୍ଜିଂ ଥିଲା

## ନ୍ୟୁୟର୍କରେ ଓଡ଼ିଶାର ପରିଚୟ ବାଣ୍ଟୁଛି 'କୋଣାର୍କ ଚକ୍ର'



ଜିତେନ୍ଦ୍ର ମିଶ୍ର

*ଓଡ଼ିଆ ଫିଲ୍ମ ନିର୍ମାତା ଟିଟିଲାଗଡ଼ନିବାସୀ ଜିତେନ୍ଦ୍ର ମିଶ୍ର ଏବେ ଜଣେ ଇଣ୍ଟରନ୍ୟାଶନାଲ ଫେମ୍। ବିଭିନ୍ନ ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରୀ, ସିଆଇଏଫ୍‌ଇଜେର ବୋର୍ଡ ଅଫ୍ ଡାଇରେକ୍ଟର, କାନ୍ସ ପ୍ରଡ୍ୟୁସର୍ସ ନେଟ୍‌ୱର୍କର ସଦସ୍ୟ ରହିଛନ୍ତି। କାନ୍ସ ଫେଷ୍ଟିଭାଲ୍‌ରୁ ଓସ୍କାର ଯାତ୍ରା – ତାଙ୍କ ଜୀବନର ବଡ଼ ସଫଳତା ହୋଇଥିବାବେଳେ ତାଙ୍କ ଦ୍ୱାରା ନିର୍ମିତ 'ଦ ଲାଷ୍ଟ କଲର୍' ଓସ୍କାର ପାଇଁ ମନୋନୀତ ହେବା ଦେଶ ତଥା ରାଜ୍ୟର ଗୌରବ ବଢ଼ାଇଛି। ନିକଟରେ ସେଫ୍ ବିକାଶ ଖାନ୍ନାଙ୍କ ସହ ମିଶି ନ୍ୟୁୟର୍କରେ 'କୋଣାର୍କ ଚକ୍ର'ର ପ୍ରତିକୃତି ସ୍ଥାପନ କରି ଓଡ଼ିଶା ପ୍ରତି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେ ଓଡ଼ିଶାର କଳା, ସଂସ୍କୃତିକୁ ବାହାରେ ପରିଚିତ କରାଇବାରେ ଚେଷ୍ଟା ଜାରି ରଖିଛନ୍ତି। ବୁଧବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଆଲୋଚନାଭିତ୍ତିକ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଯୋଗଦେଇଥିବାବେଳେ ତାଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ସାକ୍ଷାତ୍‌କାର।*

**●ବିଦେଶ ମାଟିରେ 'କୋଣାର୍କ ଚକ୍ର' ପ୍ରଦର୍ଶନ କଥା ମନକୁ କେମିତି ଆସିଲା?**

ପାଞ୍ଚବର୍ଷ ତଳେ ଯେତେବେଳେ ବିଶ୍ୱରେ ଓଡ଼ିଶାର କଳା, ସଂସ୍କୃତି ଓ ପରିଚୟର ପ୍ରଚାର ପ୍ରସାର କଥା ମୁଁ ଓ ଆମ ଟିମ୍ ଚିନ୍ତା କଲୁ, ସେତେବେଳେ ଆମେ ଭାବିଲୁ କି 'କୋଣାର୍କ ଚକ୍ର'ଠାରୁ ଆଉକିଛି ଭଲ ହୋଇ ନ ପାରେ। ପିଲାଦିନୁ ଆମେ ଦେଖି ଆସୁଛୁ କୋଣାର୍କ। ଏହା ଆମର ପରିଚୟ। ଓଡ଼ିଶା କହିଲେ ଶ୍ରୀଜଗନ୍ନାଥଙ୍କ ପରେ କୋଣାର୍କ ହିଁ ଆସେ। ଏମିତି ସମସ୍ତଙ୍କ ସହ ଆଲୋଚନା ଭିତରେ 'କୋଣାର୍କ ଚକ୍ର' ନେବା କଥା ଫାଇନାଲ ହୋଇଥିଲା। ପୁଣି ପଥର ପ୍ରତିକୃତି ନେବା ନା ମେଟାଲ୍। ଶେଷରେ ୧,୭୫୦ କେଜିର ପଥରରେ କୋଣାର୍କ ଚକ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା।

**●ନିଷ୍ପତ୍ତିକୁ କିପରି ପୂର୍ଣ୍ଣ ରୂପ ଦେଲେ?**

୨୦୨୨ ଜାନୁୟାରୀରୁ ହିଁ 'କୋଣାର୍କ ଚକ୍ର' ନିର୍ମାଣ ପାଇଁ ପ୍ରକୃତରେ ପ୍ରୟାସ ଆରମ୍ଭ ହୋଇଥିଲା। କାମ କେମିତି ହେବ, କେତେ ଖର୍ଚ୍ଚ ଲାଗିବ ସେନେଇ ମୋର ସମ୍ପର୍କୀୟ ସୁବାସ ଭାଇଙ୍କ ସହ ଆଲୋଚନା ହେଲା। ଯେହେତୁ ଏହା ସରକାରୀସ୍ତରର କାର୍ଯ୍ୟ ନ ଥିଲା, ତେଣୁ ଆମେ ବ୍ୟକ୍ତିଗତ ଭାବେ ଖର୍ଚ୍ଚ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ହେଲୁ। ସ୍ୱପ୍ନ ତ ସମସ୍ତେ ଦେଖନ୍ତି, କିନ୍ତୁ ପ୍ରାକ୍ଟିକାଲ ହୋଇ କାମ କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ତା'ପରେ ସୁବାସ ଭାଇଙ୍କ ସହଯୋଗରେ ମୁଖ୍ୟ କାରିଗର ଅମରେଶ ବିନ୍ଧାଣି ଓ ଟିମ୍ 'କୋଣାର୍କ ଚକ୍ର' ତିଆରିରେ ଲାଗିପଡ଼ିଲେ। ୮ଫୁଟ ଲମ୍ବ, ୬ଫୁଟ ଉଚ୍ଚ ଏବଂ ୧ଫୁଟ ମୋଟେଇ ବିଶିଷ୍ଟ ଏହି ପ୍ରତିକୃତି ବାଲି ପଥରରେ ପ୍ରସ୍ତୁତ ହୋଇଛି। ତିଆରି କରିବାକୁ ୩ମାସ ସମୟ ଲାଗିଥିଲା। ତେବେ ଏହାକୁ ନ୍ୟୁୟର୍କ ନେଇ ପ୍ରଦର୍ଶନ କରିବା ବିଳମ୍ବିତ ହୋଇପଡ଼ିଥିଲା। ପୂର୍ବବର୍ଷ ସ୍ୱାଧୀନତା ଦିବସରେ ପ୍ରଦର୍ଶନ ପାଇଁ ଲକ୍ଷ୍ୟ ରଖିଥିଲୁ। କିନ୍ତୁ ଏବର୍ଷ ସ୍ୱପ୍ନ ପୂରଣ ହେଲା।

**●ଆଞ୍ଚଳିକ କାରିଗରଙ୍କୁ ନେଇ ଏତେ ବଡ଼ କାମ କରିବେ ବୋଲି କାହିଁକି ଭାବିଲେ?**

ଆମେ ସବୁବେଳେ ଆଗକୁ ଆସିପାରୁ ନ ଥିବା ଲୋକଙ୍କ ବିଷୟରେ କଥା ହେବା ଦରକାର। ସେମାନଙ୍କ ପାଇଁ କିଛି କରିବା ଦରକାର। ଓଡ଼ିଶାରେ ଶିଳ୍ପୀ ଓ କାରିଗରଙ୍କ ଅଭାବ ନାହିଁ। ଯେଉଁମାନଙ୍କୁ ସାହାଯ୍ୟ ଦରକାର, ଭଲ କାମ କରୁଛନ୍ତି, ସେମାନଙ୍କୁ ଖୋଜିଲୁ। ଆଉ ସେମାନଙ୍କୁ ନେଇ କାମ କଲୁ।

**●'କୋଣାର୍କ ଚକ୍ର'ର ସ୍ଥାୟୀ ପ୍ରଦର୍ଶନ ସମ୍ପର୍କରେ କ'ଣ କହିବେ?**

ଟାଇମ୍ସ ସ୍କୋୟାର ପରେ ବିକାଶ ଖାନ୍ନାଙ୍କ ରେସ୍ତୋରାଁରେ 'କୋଣାର୍କ ଚକ୍ର' ଓଡ଼ିଶା କଳା ସଂସ୍କୃତିର ବାର୍ତ୍ତା ବାଣ୍ଟିବ। ତାଙ୍କ ରେସ୍ତୋରାଁ ହିଁ ଏକ ପ୍ରକାର ଆର୍ଟ ଅଫ୍ ଇଣ୍ଡିଆନ ମ୍ୟୁଜିୟମ୍ ପାଲଟିବାକୁ ଯାଉଛି। ସେଠାକୁ ପ୍ରତ୍ୟେକ ଦିନ ଲୋକ ଆସିବେ ଆଉ ଦେଖିବେ। ଓଡ଼ିଶାର କଳା, ସଂସ୍କୃତିକୁ ଅଧିକ ପ୍ରଚାର ପ୍ରସାର ପାଇଁ ତାହା ଏକ ଉତ୍କୃଷ୍ଟ ସ୍ଥାନ ହେବ।

**●ବିକାଶ ଖାନ୍ନାଙ୍କ ସହ ଆପଣ ସମ୍ପର୍କ?**

୧୧ବର୍ଷ ଆଗରୁ ତାଙ୍କ ସହ ଭେଟ ହୋଇଥିଲା। ହୃଦୟରୁ ତାଙ୍କ ସହ ସମ୍ପର୍କ। ଆମେ ଏକା ସାଙ୍ଗେ ଟ୍ରାଭେଲ କରିଛୁ, ଖାଇଛୁ, ବୁଲିଛୁ, ସବୁ କିଛି ଶେୟାର କରିଛୁ। ଆମ ସମ୍ପର୍କ କୌଣସି ବିଜ୍‌ନେସ୍ ପ୍ରପୋଜାଲ୍ ପାଇଁ ନ ଥିଲା। କିନ୍ତୁ ପରେ ଆମେ ମିଶି ବହୁତ କାମ କଲୁ। ଆମେ ଏକାସାଙ୍ଗରେ ୭ଟା ଫିଲ୍ମ କରି ସାରିଲୁଣି। ସେ ନିର୍ଦ୍ଦେଶକ ଆଉ ମୁଁ ପ୍ରଯୋଜକ।

**●ଆଗକୁ କ'ଣ ଯୋଜନା ରହିଛି?**

ଆଗକୁ ସମ୍ବଲପୁରୀ ବସ୍ତ୍ରର ପ୍ରଚାରପ୍ରସାର ପାଇଁ ଯୋଜନା ରହିଛି। ବିକାଶ ଖାନ୍ନାଙ୍କ ରେସ୍ତୋରାଁରେ ସେଫ୍‌ମାନଙ୍କ ୟୁନିଫର୍ମରେ ସମ୍ବଲପୁରୀର ଟଚ୍ ରହିବ। ତେଣୁ ଏହା ଉପରେ କାମ ଆରମ୍ଭ ହୋଇଯାଇଛି। ଝଗଡ଼ା ପଛେ ଲଗାଇବି, ମୋ ରାଜ୍ୟର ଜିନିଷ କିଭଳି ଆଗକୁ ଯିବ ତାହା ସବୁବେଳେ ପ୍ରାଧାନ୍ୟ ଦେବି।

ରିପୋର୍ଟର- ଶର୍ମିଷ୍ଠା ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଫାର୍ମାସିଷ୍ଟ ଏବଂ ପୋଷ୍ଟ ଆଶାୟୀଙ୍କ ଓଏସ୍‌ଏସ୍‌ଏସ୍‌ସି ବିରୋଧରେ ପ୍ରତିବାଦ, ଓଏସ୍‌ଏସ୍‌ଏସ୍‌ସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଦି ହେଭେନ ଗ୍ରୁପ ପକ୍ଷରୁ 'ସ୍ମୃତିରେ ଶିବବ୍ରତ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଶା ଠିକା ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ, ଜିଲା ଶ୍ରମ କାର୍ଯ୍ୟାଳୟ, ପୂର୍ବାହ୍ଣ ୧୧ଟା।

## ଟ୍ରେନ୍‌ରେ କଟି ଯୁବତୀ ଯୁବକ ମୃତ

**ପୁରୀ,୭।୯(ଅଜିତ୍ ମହାନ୍ତି):** ପୁରୀ ରେଳଷ୍ଟେଶନର କିଛି ଦୂରରେ ଗୁରୁବାର ଟ୍ରେନ୍‌ରେ କଟି ଦୁଇଜଣ ଯୁବତୀ ଯୁବକଙ୍କ ମୃତ୍ୟୁ ଘଟିଛି। ରେଳଧାରଣାରୁ ଉଭୟଙ୍କ ମୃତଦେହ ମିଳିଛି। ମୃତଦେହ ନିକଟରେ ପଡ଼ିଥିବା ଆଧାର କାର୍ଡରୁ ମୃତକ ଦ୍ୱୟ ଯତୀନ୍ ଶଙ୍କର ପାଢୀ ଓ ତୃପ୍ତିମୟୀ ସାହୁ ଏବଂ ସେମାନଙ୍କ ଘର କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏ ନେଇ ପୁରୀ ଜିଆର୍‌ପି ପକ୍ଷରୁ ଏକ ମାମଲା ରୁଜୁ ସହ କୋଟପାଡ଼ ଥାନାକୁ ସୂଚନା ଦିଆଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଏହି ଯୁବତୀ ଯୁବକ ଦ୍ୱୟଙ୍କ ମୃତ୍ୟୁ ଘଟିଲା ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଏ ସଂକ୍ରାନ୍ତରେ ପୁରୀ ଜିଆର୍‌ପି ପକ୍ଷରୁ ତଦନ୍ତ ଜାରି ରହିଛି।

## ଜମାକାରୀଙ୍କ ଟଙ୍କା ନେଇ ଏଜେଣ୍ଟ ଫେରାର

### ଇଓଡବ୍ଲ୍ୟୁରେ ଅଭିଯୋଗ

**ଭୁବନେଶ୍ୱର,୭।୯(ସୂର୍ଯ୍ୟକାନ୍ତ ବେହେରା):** ପଟିଆସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଜଣେ ଏଜେଣ୍ଟ ଜମାକାରୀଙ୍କ ଟଙ୍କାକୁ ଡିପୋଜିଟ କରିବା ପରିବର୍ତ୍ତେ ହଡ଼ପ କରି ଫେରାର ହୋଇଯାଇଛନ୍ତି। ଏନେଇ ଜମାକାରୀମାନେ ସମ୍ପୃକ୍ତ ଏଜେଣ୍ଟ ଲିଙ୍ଗରାଜ ବେହେରାଙ୍କ ନାମରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଛନ୍ତି। ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ବ୍ୟାଙ୍କରେ ଡିପୋଜିଟ କରିବା ନାଁରେ ଲିଙ୍ଗରାଜ ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ତେବେ ଜମାକାରୀମାନେ କିଛିଦିନ ପରେ ଟଙ୍କା ଉଠାଇବାକୁ ଗଲାବେଳେ ଆକାଉଣ୍ଟରେ ଡିପୋଜିଟ ବାବଦକୁ ଦେଇଥିବା ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ବ୍ୟାଙ୍କ ଆଗରେ ଧାରଣା ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ହେଲେ ଘଟଣାର ୪ଦିନ ପରେ ମଧ୍ୟ ବ୍ୟାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ନିଆଯିବାରୁ ଜମାକାରୀମାନେ ଶେଷରେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଛନ୍ତି।



କଟକ ଶଙ୍କରପୁର ଅଞ୍ଚଳରେ ଗୁରୁବାର ଅନୁଷ୍ଠିତ ନନ୍ଦୋତ୍ସବ ଅବସରରେ ସଜ୍ଜିତ ବେଶଧାରୀମାନେ। (ଫଟୋ– ରାଜକିଶୋର ମହାନ୍ତି)

## ଆଜିଠୁ ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭୁବନେଶ୍ୱର,୭।୯(ଅନୁରାଧା ମହାରଣା):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନ କ୍ରମେ ଶୁକ୍ରବାରଠାରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଶିକ୍ଷକଙ୍କ ୩ଦଫା ଦାବି ପୂରଣ ପାଇଁ ଗତ ଅଗଷ୍ଟ ୫ରେ ୩୧୪ ବ୍ଲକ ଶିକ୍ଷାଧିକାରୀ ଏବଂ ୧୧ ତାରିଖରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଗୁରୁଦିବସରେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି ଶିକ୍ଷକମାନେ ଆଶା ରଖିଥିଲେ। ମାତ୍ର ସେପରି କିଛି ହେଲାନାହିଁ। ଏହା ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଆଘାତ ଦେଇଛି। ଦାବି ପୂରଣ ନିମନ୍ତେ ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସହ ବହୁବାର ଆଲୋଚନା କରାଯାଇଥିଲା। ତେବେ କୌଣସି ସୁଫଳ ନ ମିଳିବାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଦାବି ପୂରଣ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର, ସଂଯୋଜକ ଜ୍ୟୋତି ରଞ୍ଜନ ଦାସ, ରାଜେଶ ମହାନ୍ତି, ବ୍ରହ୍ମାନନ୍ଦ ମହାରଣା ଏବଂ ସୁଶାନ୍ତ ବେହେରା ପ୍ରମୁଖ କହିଛନ୍ତି।

# ଆକର୍ଷଣ ସାଜିଲା ପର୍‌ବିନ୍ କୁମାରଙ୍କ ଭାରତନାଟ୍ୟମ୍



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।



ପି. ପର୍‌ବିନ କୁମାରଙ୍କଙ୍କ ନୃତ୍ୟ ପରିବେଷଣ।

**ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**

### ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା

ସୃଜନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ତଥା ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ।

ସନ୍ଧ୍ୟାର ପ୍ରଥମ ଆକର୍ଷଣ ସାଜିଥିଲା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ପି. ପର୍‌ବିନ କୁମାରଙ୍କ ଭାରତନାଟ୍ୟମ ନୃତ୍ୟ। ସେ ପ୍ରଥମେ ପ୍ରଭୁ ଗଣେଶଙ୍କ ଶ୍ଳୋକ 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭା'ରୁ ତାଙ୍କର ନୃତ୍ୟ ଆରମ୍ଭ କରିଥିଲେ। ପ୍ରଥମ ପ୍ରସ୍ତୁତିରେ ସେ ପ୍ରଭୁ ମୁରୁଗାଙ୍କ ଉପରେ ପର୍ଯ୍ୟବସିତ ମୁରୁଗା କଉତୁଭମ ଓ ପରେ ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ ବର୍ଣ୍ଣନମ୍ ପରିବେଷଣ କରିଥିଲେ। ତାଙ୍କର ଶେଷ ପ୍ରସ୍ତୁତି ଥିଲା ପାରମ୍ପରିକ ନୃତ୍ୟ 'ପଦମ୍', ଯାହା ରାଗ ମୁଖାରୀ ଓ ତାଳ ମିଶ୍ରଚମ୍ପୂ ଉପରେ ପର୍ଯ୍ୟବସିତ ଥିଲା। ତାଙ୍କୁ ମୃଦଙ୍ଗରେ ବିନୟ ନାଗରାଜନ, ବଂଶୀରେ ମହେଶ ସ୍ୱାମୀ, ନାଟୁଭଙ୍ଗମ୍‌ରେ ନବ୍ୟଶ୍ରୀ କେ.ଏନ୍ ଏବଂ କଣ୍ଠରେ ଆର୍. ରଘୁରାମ ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣରେ ଥିଲା ବିଶିଷ୍ଟ ସୀତାର ବାଦକ ନୀଳାଦ୍ରି କୁମାରଙ୍କ ଦ୍ୱାରା ସୀତାର ବାଦନ। ସେ ବିଭିନ୍ନ ତାଳ ଓ ରାଗ ସମନ୍ୱୟରେ ସୀତାର ବାଦନ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ତବଲାରେ ଯଶବନ୍ତ ବୈଷ୍ଣବ ସହଯୋଗ କରିଥିଲେ। ନୃତ୍ୟ ଓ ସଙ୍ଗୀତର ଏହି ସୁନ୍ଦର ସଙ୍ଗମ ଦର୍ଶକଙ୍କ ପାଇଁ ଶାସ୍ତ୍ରୀୟ ଭବ୍ୟତାର ଶ୍ରେଷ୍ଠତା ଆଣିଦେଇଥିଲା। ସୃଜନ ଅନୁଷ୍ଠାନର ଫେସ୍‌ବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ପୁରସ୍କାର ଉତ୍ସବର ସିଧା ପ୍ରସାରଣ କରାଯାଉଛି। ସୃଜନ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ଏହି ଉତ୍ସବର ପରିକଳ୍ପନା କରାଯାଇଥିବାବେଳେ ଏହାକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଛନ୍ତି। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହାର ମିଡିଆ ପାର୍ଟନର୍ ରହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମିରା



@ ପ୍ରଶାନ୍ତ



@ ସତ୍ୟଜିତ୍



@ ମିଥୁନ



@ ଯୁଗଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହସ୍ତଶିଳ୍ପ କାରିଗର, ବୁଣାକାରଙ୍କ ପାଇଁ ସ୍ୱତନ୍ତ୍ର ଜୀବନ ବୀମା ଯୋଜନା ପ୍ରଣୟନ ପ୍ରସ୍ତାବ

**ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ କୃଷି ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ହସ୍ତଶିଳ୍ପ କାରିଗର ଓ ବୁଣାକାରଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଯୋଜନା ଦ୍ୱାରା ବିଭିନ୍ନ ଜୀବନବୀମା ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଏବଂ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଏବଂ ବିକାଶ ପରିଷଦର ଅଧ୍ୟକ୍ଷ ଡ. ସୁଦର୍ଶନ ସାହୁ ନିଜ ମତ ପ୍ରକାଶ କରିଥିଲେ। ରାଜ୍ୟର ହସ୍ତଶିଳ୍ପ କାରିଗର ଓ ବୁଣାକାରଙ୍କ ପାଇଁ ଏକ ସ୍ୱତନ୍ତ୍ର ଜୀବନ ବୀମା ଯୋଜନା ପ୍ରଣୟନ ନିମନ୍ତେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବା ପାଇଁ ସ୍ଥିର କରାଯାଇଥିଲା। ସେହିପରି ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଗ୍ରାମକୁ ସଂଯୋଗ କରୁଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ପ୍ରମୁଖ ଜିଲା ରାସ୍ତାରେ ସାଇନବୋର୍ଡ ଲଗାଇବା ପାଇଁ ପ୍ରସ୍ତୁତ ହୋଇଥିବା ଡିଜାଇନକୁ ଅନୁମୋଦନ କରାଯାଇଥିଲା। ବୈଠକରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଧଉଳି ଥାନା ଅଞ୍ଚଳରେ ଚଢ଼ାଉ କରି ଅବକାରୀ ଟିମ୍ ଜଣେ ନିଶା ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଲିଅନ୍ତା ଅଞ୍ଚଳର ଦୁଷ୍ମନ୍ତ ନାୟକ। ତାଙ୍କଠାରୁ ୧୧୨ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ଜାମିନ ନ ମିଳିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଦୁଷ୍ମନ୍ତ ବ୍ରାଉନସୁଗାର କେଉଁଠି ଆଣୁଥିଲେ ଓ କାହାକୁ ଦେଉଥିଲେ ସେ ନେଇ ଅବକାରୀ ଟିମ୍ ଖୋଳତାଡ଼ ଚଳାଇଛି।

# ଅଣନିଃଶ୍ୱାସୀ କରୁଛି ଆବର୍ଜନା: ସ୍ୱଚ୍ଛ ବାୟୁ ଚିନ୍ତା



ସୈନିକ ସ୍କୁଲ ନିକଟରେ ଥିବା ଡମ୍ପିଂ ୟାର୍ଡ।

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ)

ସୁସ୍ଥ ଭାବେ ବଞ୍ଚିବା ପାଇଁ ସୁସ୍ଥ ବାତାବରଣ ଏବଂ ସ୍ୱଚ୍ଛ ବାୟୁ ନିହାତି ଆବଶ୍ୟକ। ବର୍ତ୍ତମାନ ବାୟୁ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ପ୍ରମୁଖ ପରିବେଶ ବିପଦ ଭାବେ ଉଭା ହୋଇଛି। ଏନେଇ ଲୋକଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୭ତାରିଖରେ 'ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ' ପାଳନ କରାଯାଉଛି। ଏହି କ୍ରମରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମଧ୍ୟ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ' ପାଳନ କରାଯାଇଛି। ତେବେ ରାଜଧାନୀ ଭୁବନେଶ୍ୱରରେ ଏବେ ରହିବାକୁ ବାଧ ହେଉଛନ୍ତି। ଦୀର୍ଘଦିନ ଧରି ଏଭଳି ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକେ ରହୁଥିଲେ ମଧ୍ୟ ବିଏମ୍‌ସି କୌଣସି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଦୁର୍ଗନ୍ଧରେ ଫାଟୁଛି ଟିଟିଏସ୍ ପାଖ ଅଞ୍ଚଳ

ବାୟୁ ପ୍ରଦୂଷଣ ବଢ଼ିଚାଲିଥିବାବେଳେ ସ୍ୱଚ୍ଛ ବାୟୁ ପାଇବା କଷ୍ଟକର ହୋଇପଡ଼ିଲାଣି। କାରଣ ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା ହୋଇରହୁଥିବାବେଳେ ନାଳନର୍ଦ୍ଦମା ସଫା ହେଉ ନ ଥିବାରୁ ଦୁର୍ଗନ୍ଧ ହେଉଛି। ସେହିପରି ଦାରୁଠେଙ୍ଗ ଡମ୍ପିଂ ୟାର୍ଡ ବନ୍ଦ ହେବା ଦିନଠାରୁ ଆବର୍ଜନା ପକାଇବା ପାଇଁ ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ) ଉପରେ ନିର୍ଭର କରାଯାଉଛି। ବିଏମ୍‌ସିର ସୂଚନା ଅନୁଯାୟୀ, ଏବେ ସହରରୁ ଦୈନିକ ୯ଶହ ଟନ୍ ଆବର୍ଜନା ବାହାରୁଛି। ଅସ୍ଥାୟୀ ଭାବେ ଆବର୍ଜନା ଗଦାଇବା ପାଇଁ ଚିହ୍ନଟ ହୋଇଥିବା ଏହି ସ୍ଥାନ ଏବେ ସ୍ଥାୟୀ ଡମ୍ପିଂୟାର୍ଡରେ ପରିଣତ ହୋଇଛି। ଟିଟିଏସ୍ ନିକଟରେ ଥିବା ଏକ ନାଳ ଏବେ ଆବର୍ଜନାରେ ପୋତି ସେଥିରୁ ୪ଶହରୁ ଊର୍ଦ୍ଧ୍ୱ ଟନ୍ ଟିଟିଏସ୍‌କୁ ଯାଉଛି। ବାକି ଆବର୍ଜନା ବିଭିନ୍ନ ୱାର୍ଡରେ ଥିବା ଏମ୍‌ସିସିରେ କମ୍ପୋଷ୍ଟ କରାଯାଉଛି। ଏତେ ମାତ୍ରାରେ ଆବର୍ଜନା ପଡୁଥିବାରୁ ଏବେ ଟିଟିଏସ୍ ଭର୍ତ୍ତି ହୋଇ ଉଛୁଳିବାକୁ ବସିଲାଣି। ଟିଟିଏସ୍‌ରେ ଆବର୍ଜନା ସୀମା ଟପିଥିଲେ ବି ତା' ଉପରେ ଉପରେ ଗଦା କରାଯାଉଛି। ଫଳରେ ସୈନିକ ସ୍କୁଲ ଆଖପାଖ ଭିଏସ୍‌ଏସ୍ ନଗର, ଗାଡ଼କଣ ଆଦି ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ସେହିପରି ବର୍ଷାପାଣି ପଡିଲେ ଲୋକେ ଝରକା କବାଟ ବନ୍ଦ କରି ହୋଇଗଲାଣି। ବର୍ଷବର୍ଷ ଧରି ଏଠାରେ ଆବର୍ଜନା ପଡିରହି ପଚୁଥିବାରୁ ସେଠାର ଜଳସ୍ତର ବିଷାକ୍ତ ହେବାକୁ ବସିଛି। ମାତ୍ର ଧର୍ମକୁ ଆଖିଠାର ଭଳି ବିଏମ୍‌ସି ଏ ସବୁ ଜାଣି ନ ଜାଣିଲା ଭଳି ବସି ରହିଛି।

### ଏମାନେ ଯାହା କହନ୍ତି...



"ଭୁବନେଶ୍ୱରକୁ ଏକ ନମ୍ବର ସହର ଭାବେ ଗଢି ତୋଳିବାର ଯେଉଁ ସ୍ୱପ୍ନ ବିଏମ୍‌ସି ଦେଖାଉଛି ତାହା ବାସ୍ତବ ରୂପ ନେବା ଭଳି ମନେ ହେଉନାହିଁ। ଏନେଇ ବହୁବାର ବିଏମ୍‌ସିରେ ଅଭିଯୋଗ କଲୁଣି। ମେୟର, ବିଧାୟକ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ମାତ୍ର ଫଳ ଶୂନ। ସକାଳୁ ରାତି ପର୍ଯ୍ୟନ୍ତ ଆମେ ଦୁର୍ଗନ୍ଧମୟ ବାୟୁରେ ଚଳାଚଳ କରୁଛୁ।
– ଦିଲ୍ଲୀପ ଦାଶଶର୍ମା, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ, ସାଧାରଣ ସମ୍ପାଦକ



"ଆଖପାଖ ପରିବେଶ ପୂରା ଦୂଷିତ ହୋଇ ଗଲାଣି। ଏଠାରେ ବସବାସ କରୁଥିବା ଲୋକେ ସ୍ୱଚ୍ଛ ପବନ ପାଇବାରୁ ବଞ୍ଚିତ ହେଉଛନ୍ତି। ମାତ୍ର ବିଏମ୍‌ସି ଲୋକଦେଖାଣିଆ ଭାବେ ସ୍ୱଚ୍ଛ ବାୟୁ ଦିବସ ପାଳନ କରୁଛି, ଯାହାକି ହାସ୍ୟାସ୍ପଦ ଲାଗୁଛି।
– ଚିନ୍ତାମଣି ବାରିକ, ସ୍ଥାନୀୟ ବାସିନ୍ଦା

"ସୈନିକ ସ୍କୁଲ ପାଖରୁ ଏତେ ଦୁର୍ଗନ୍ଧ ଆସୁଛି ଯେ, ପେଟରେ ଖାଦ୍ୟ ରହୁନାହିଁ। ସବୁ ସମୟରେ ବାନ୍ତି ଲାଗୁଛି। ସର୍ବଦା ଘର କବାଟ ଝରକା ବନ୍ଦ କରି ରହିବାକୁ ପଡୁଛି। ଅଳିଆ ପକାଇବା ଆରମ୍ଭ ହେବାବେଳେ ଏହା ଅସ୍ଥାୟୀ ଭାବେ ପକାଯାଉଥିବା ବିଏମ୍‌ସି କହିଥିଲା, ମାତ୍ର ଏବେ ସବୁଦିନ ପଡୁଛି।



– ପ୍ରଭାତୀ ନନ୍ଦ, ଭିଏସ୍‌ଏସ୍ ନଗର, ଡିଏଲ୍ କଲୋନୀ



"ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱଚ୍ଛ ବାତାବରଣ ଅତ୍ୟନ୍ତ ଜରୁରୀ, ମାତ୍ର ଆମେ ସେଥିରୁ ବଞ୍ଚିତ। ଦୁର୍ଗନ୍ଧ ପାଇଁ ଅନେକାଂଶ ସମୟରେ ଦେହ ଅସୁସ୍ଥ ରହୁଛି। ଘରେ ସ୍ପ୍ରେ ନ କରି ବସି ହେଉନାହିଁ। ଦୁର୍ଗନ୍ଧ ଯୋଗୁ ଘରକୁ ଅତିଥି ଆସିବାକୁ ପସନ୍ଦ କରୁନାହାନ୍ତି।
– ଭ୍ରମରବର ପ୍ରଧାନ, ବରିଷ୍ଠ ନାଗରିକ

"ୱିଣ୍ଡ୍ରୋସ୍ ମେଶିନ୍ ଲାଗିବା ପରେ ଆଗ ଅପେକ୍ଷା ଦୁର୍ଗନ୍ଧ କମିଛି। ଏହାଦ୍ୱାରା ବଡ଼ ଏବଂ ଛୋଟ ଆବର୍ଜନା ଅଲଗା କରିବା ପରେ ପ୍ରୋସେସିଙ୍ଗ୍ କରି ଖତ କରାଯାଉଛି। ଟିଟିଏସ୍‌ରେ ମେଗା ଏମ୍‌ସିସି କାମ ମଧ୍ୟ ଚାଲିଛି। ଖୁବ୍‌ଶୀଘ୍ର ସହରରେ ୪ଟି ବାୟୋ ମିଥେନ୍ ପ୍ଲାଣ୍ଟ ସ୍ଥାପନ ନେଇ କାର୍ଯ୍ୟ ଆରମ୍ଭ ହେବ। ଖୁବ୍‌ଶୀଘ୍ର ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବ।
– ମନୋରଞ୍ଜନ ସାହୁ, ବିଏମ୍‌ସି ଡେପୁଟି କମିଶନର (ପରିମଳ)

ସେହିପରି ଅଞ୍ଚଳବାସୀ ଏନେଇ ବିଏମସି କମିଶନର, ମେୟର ଏବଂ ସ୍ଥାନୀୟ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅପରପକ୍ଷେ ଅଳିଆ ପୋଡ଼ିଲେ କିମ୍ବା କୋଇଲା ଆଞ୍ଚରେ ଖାଦ୍ୟ ରାନ୍ଧିଲେ ବାୟୁ ପ୍ରଦୂଷଣ ହେଉଥିବା ଦର୍ଶାଇ ବିଏମ୍‌ସି ବାସ୍ତବ ସମସ୍ୟାକୁ ଅଣଦେଖା କରି ଲୋକଙ୍କଠାରୁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇ ନିଜର ଦାୟିତ୍ୱ ଖସାଇ ଦେଉଛି।

## ସଂକ୍ଷେପରେ

### ଝିଅର ତଣ୍ଟି କାଟି ବାପା ଗିରଫ

ବାଲକାଟୀ,୭।୯(ମନୋଜ ମଣ୍ଡଳ): ୩ ବର୍ଷ ଝିଅର ତଣ୍ଟି କାଟିବା ଘଟଣାରେ ବାପା ଗଣେଶ୍ୱର ସିଂଙ୍କୁ ବାଲିଅନ୍ତା ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୪/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଗଣେଶ୍ୱର ବାଲକାଟୀ ସତକାଣିଆ ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ୬ବର୍ଷ ହେବ କାମ କରିଆସୁଥିଲେ। ତେବେ ଗଣେଶ୍ୱରଙ୍କ ଦୁଇଟି ଝିଅ ଥିବା ବେଳେ ବଡ଼ ଝିଅର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। ତେବେ ଝିଅର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା। ବୁଧବାର ସକାଳେ ପାରିବାରିକ କଳହକୁ ନେଇ ଗଣେଶ୍ୱର ଏକ ଧାରୁଆ ଅସ୍ତ୍ରରେ ଝିଅର ତଣ୍ଟି କାଟିଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କୁ ଆଣି ଅଟକ ରଖିବା ସହ ପଚରାଉଚରା ଚଳାଇଥିଲା। ଗୁରୁବାର ପୋଲିସ ଗଣେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଉଭୟ ପକ୍ଷର ୧୬ ଅଭିଯୁକ୍ତ ଗିରଫ

**ପଦ୍ମକେଶରୀପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା**

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ): ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁରରେ ଗୋଷ୍ଠୀ ସଂଘର୍ଷ ଘଟଣାରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଭୟ ପକ୍ଷରୁ ୧୬ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ମଝିସାହିର ୮ ଓ ୩ନମ୍ବର ସାହି (ତଳସାହି)ର ୮ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ଘଟଣାର ଦୁଇଦିନ ତଳୁ ବାଇକ୍ ଧକ୍କାରୁ ହୋଇଥିବା ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ସେପ୍ଟେମ୍ବର ୧ରେ ମଝିସାହି ଓ ୩ ନମ୍ବର ସାହି ବାସିନ୍ଦା ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲାପଥର, କାଚ ବୋତଲ ମାଡ଼ କରିଥିଲେ। ଏହ ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମଝିସାହିର ଆଲୋକ ଦାସଙ୍କ ପକ୍ଷରୁ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୩୬୯/୨୦୨୩) ରୁଜୁ କରିଥିଲା। ସେହିଭଳି ୩ ନଂ ସାହିର ମୀନା ଦାସଙ୍କ ପକ୍ଷରୁ ହୋଇଥିବା ଏତଲାକ୍ରମେ ପୋଲିସ ଆଉ ଏକ ମାମଲା (ନଂ. ୩୭୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଭୂମି ପ୍ରମାଣପତ୍ର ଦେଇ ଘର ଭାଙ୍ଗିବା ଘଟଣା

## ଘର ନିର୍ମାଣ କରି ହିତାଧିକାରୀଙ୍କୁ ଦେବ ବିଏମ୍‌ସି

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ): ବିଏମ୍‌ସି ଜାଗା ମିଶନରେ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବାଣ୍ଟିବା ପରେ ବିବାଦ ବଢ଼ି ଚାଲିଛି। ପ୍ରଥମେ ଘର ଭାଙ୍ଗିଦେବା ପରେ ସମ୍ପୃକ୍ତ ହିତାଧିକାରୀଙ୍କ ଏଲ୍‌ଆର୍‌ସି ଯାଞ୍ଚ ହେବ ବୋଲି ବିଏମ୍‌ସି ଅଧିକାରୀ କହିଥିଲେ। ଏଥିସହ ଏନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ମାତ୍ର ପୁଣି ଏଥିରେ ନୂଆ ମୋଡ଼ ଆସିଛି। ସମ୍ପୃକ୍ତ ହିତାଧିକାରୀଙ୍କୁ ବିଏମ୍‌ସି ଏବେ ଜାଗା ସହ ଘର ତିଆରି କରିଦେବ ବୋଲି କହିଛି। ଲୋକଙ୍କ ବିକାଶ କାର୍ଯ୍ୟ ଲାଗି ଜମି ଆବଶ୍ୟକ ଥିବାବେଳେ ସମ୍ପୃକ୍ତ ଜମି ଉପରେ ୱାର୍ଡ ଅଫିସ ନିର୍ମାଣ କରାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଏନେଇ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ପରେ ଏହାକୁ ଭଙ୍ଗାଯାଇଛି। ଏହି ଜମି ସାଧାରଣ ଓ ପ୍ରଶାସନ ବିଭାଗ ଅଧୀନରେ ଥିବାବେଳେ ଉକ୍ତ ହିତାଧିକାରୀ ସେଠାରେ ବସବାସ କରୁଥିଲେ। ତେବେ ହିତାଧିକାରୀଙ୍କୁ ଭୁବନେଶ୍ୱରର ଅନ୍ୟ ବସ୍ତି ଅଞ୍ଚଳରେ ଘର ନିର୍ମାଣ କରି ଦିଆଯିବ ବୋଲି ବିଏମ୍‌ସିର ଜାଗା ମିଶନ ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଜାଗା ମିଶନକୁ ନେଇ ୩ଜୋନରେ ୩ଟି ଅଭିଯୋଗ କାଉଣ୍ଟର କରାଯାଇଛି। ଏଠାରେ ଜୋନାଲ ଡେପୁଟି କମିଶନର ଅଭିଯୋଗର ଶୁଣାଣି କରିବେ। ଏହାବାଦ୍ ବିଏମ୍‌ସି ମୁଖ୍ୟାଳୟର ୟୁଜି ଫ୍ଲୋରରେ କାଉଣ୍ଟର କରାଯାଇଛି। ପ୍ରତ୍ୟେକ କାଉଣ୍ଟରରେ ୫ଜଣ ଲେଖାଏ ସଦସ୍ୟଙ୍କୁ ବସାଯାଇ ଅଭିଯୋଗ ହସ୍ତଗତ କରାଯାଉଛି। ସୂଚନାଯୋଗ୍ୟ, ୱାର୍ଡ ନମ୍ବର ୩୬ ସ୍ଥିତ ରାମପୁର ବସ୍ତି-ବିର ପ୍ଲଟ ନଂ. ୩୪୪ରେ ମୋଟ ୩୫୦.୨୪ ବର୍ଗଫୁଟର ଜମିରୁ ଗତ ମଙ୍ଗଳବାର ବିଏମସି ଜବରଦଖଲ ଉଚ୍ଛେଦ କରିଥିଲା।

# ଚାରାରୋପଣ, ଇ-ଯାନ ବ୍ୟବହାରକୁ ଗୁରୁତ୍ୱ

**'ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛବାୟୁ' ଦିବସ**

ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମିଳିତ ଭାବେ 'ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛବାୟୁ' ଦିବସ ପାଳିତ ହୋଇଯାଇଛି। ଏନେଇ ବିଏମ୍‌ସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରାତଃ ସମୟରେ ରଥ ରୋଡରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁଲୋଚନା ଦାସ, ବିଜ୍ଞାନ, କାରିଗରି କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀ କରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ଦାଶରଥି ଗରାବଡ୍ଡୁ, ବିଧାୟକ ସୁରେଶ କୁମାର ରାଉତରାୟ, ସୁଶାନ୍ତ କୁମାର ରାଉତ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ କେ. ମୃଗସେନ, ଚିଫ୍ ଏନଭାୟରନ୍‌ମେଣ୍ଟ ଇଂଜିନିୟର ନିହାର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାଉସୀମା ମନ୍ଦିରଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ଦିଲ୍ଲୀ ଭଳି ପରିସ୍ଥିତି ଭୁବନେଶ୍ୱରରେ ନ ସୃଷ୍ଟି ହେବା ପାଇଁ ବ୍ୟାପକ ଚାରାରୋପଣ କରିବା ସହ ଇ-ଯାନ ବ୍ୟବହାର ଉପରେ ମେୟର ଗୁରୁତ୍ୱାରୋପ କରିଥିଲେ। କୌଣସି ସ୍ଥାନରେ ବର୍ଜ୍ୟବସ୍ତୁକୁ ନ ପୋଡିବା, ହୋଟେଲଗୁଡିକରେ କୋଇଲା ଚୁଲା ପରିବର୍ତ୍ତେ ଗ୍ୟାସ୍ ଚୁଲା ବ୍ୟବହାର କରିବା, ସମସ୍ତେ ନିଜ ଘର ପାଖରେ ଥିବା ପଡ଼ିଆ ଜମିରେ ଚାରା ରୋପଣ କରିବା ଆଦି ଉପରେ କମିଶନର ମତ ଦେଇଥିଲେ। ଏହି ଅବସରରେ ସୈନିକ ସ୍କୁଲ, ୟୁନିଟ-୩ ଆଦି ବିଭିନ୍ନ ସ୍ଥାନରେ ସାମୂହିକ ସଫେଇ କରାଯାଇଥିଲା। ସିଟି ଫରେଷ୍ଟ ବିଭାଗ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟକୁ ଚାରା ସହିତ ମୋ ଖତ ପ୍ରଦାନ କରାଯାଇଥିଲା। ପରେ ମେୟରଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟରେ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କୋଇଲା ଚୂଲାରୁ ଗ୍ୟାସ୍ ଚୁଲାକୁ ପରିବର୍ତ୍ତନ କରିଥିବା ୩ ଜଣ ହୋଟେଲ ମାଲିକଙ୍କୁ ପୁରସ୍କୃତ କରାଯାଇଥିଲା।




ମାଉସୀମା ମନ୍ଦିରଠାରୁ ଶ୍ରୀଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୭।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ଡ.ସଂଘମିତ୍ରା ମିଶ୍ର ଯୋଗଦେଇ କହିଥିଲେ, ପରିବର୍ତ୍ତିତ ପରିସ୍ଥିତିରେ ଶିଶୁମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲେଖକମାନେ ଶିଶୁ ସାହିତ୍ୟ ରଚନା କରିବା ଉଚିତ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସଙ୍ଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ଡ. ସନାତନ ପଣ୍ଡା ପିଲାଙ୍କ ସାହିତ୍ୟକୁ ଆଦୃତ ଓ ବ୍ୟାପକ କରିବା ପାଇଁ ବିଦ୍ୟାଳୟ ସ୍ତରରେ ନିଆଯାଉଥିବା କେତେକ ପଦକ୍ଷେପ ଓ ପାଠାଗାର ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଅବତାରଣା କରିଥିଲେ। ସମ୍ମାନିତ ଅତିଥିଭାବେ ଡ. ବିଜୟା ପାତ୍ର, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସତ୍ୟନାରାୟଣ ମିଶ୍ର, ଡ.ରେଖା ଦାସ, ଡ.ହେମନ୍ତ ଛୋଟରାୟ, ନୀଳମଣି ଚାନ୍ଦ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ଡ. ମହେନ୍ଦ୍ର କୁମାର ମଲିକ ଧନ୍ୟବାଦ ଦେଇଥିଲେ। ଡ. ସନାତନ ପଣ୍ଡାଙ୍କ ଦ୍ୱାରା ରଚିତ ଓ ଶିଶୁ କଣ୍ଠଶିଳ୍ପୀ ଶ୍ରୁତି ସୁଲଗ୍ନା ଗାନ କରିଥିବା 'ଏକାଡେମୀର ସପନ ହେବ ସାକାର' ସଙ୍ଗୀତର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଶିଶୁ ସାହିତ୍ୟିକ ଯୋଗଦେଇଥିଲେ।




ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ପେସାଦାର ଲୁଟେରା ରଞ୍ଜନ, କାଲୁଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

**ସୁନାଚେନ୍ ଲୁଟ୍, ସ୍କୁଟିରୁ ପଡ଼ି ମା' ପୁଅ ଗୁରୁତର ମାମଲା**

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଲୁଟ୍‌ପାଟ୍ କରି ଆତଙ୍କ ରଚିଥିବା ଦୁଇ ପେସାଦାର ଲୁଟେରାଙ୍କୁ ଏକ ମାମଲାରେ ଗୁରୁବାର ୩ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ବଡ଼ଗଡ଼ ଥାନା ଅଞ୍ଚଳରେ ସୁନାଚେନ୍ ଲୁଟ୍ ସହ ମା' ପୁଅଙ୍କୁ ଗୁରୁତର କରିବା ମାମଲାରେ ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ର ବିଚାରପତି ସୂର୍ଯ୍ୟନାରାୟଣ ମହାନ୍ତି ଶୁଣାଣି କରି ଅଭିଯୁକ୍ତଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାରେ ରହୁଥିବା ନୟାଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ରଞ୍ଜନ ପ୍ରଧାନ ଏବଂ ଭୁବନେଶ୍ୱର ବାସିନ୍ଦା ଚନ୍ଦନ ସାହୁ ଓରଫ କାଲୁ। ଏଥିସହ ଉଭୟଙ୍କୁ ୨୫୦ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧୦ଦିନ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଉଭୟଙ୍କ ନାମରେ ଭୁବନେଶ୍ୱରର ଅନ୍ୟ ଥାନାଗୁଡ଼ିକରେ ଥିବା ୧୧ଟି ମାମଲାର ଶୁଣାଣି ପ୍ରକ୍ରିୟା ଚାଲୁରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ପାଣ୍ଡବ ନଗରରେ ରହୁଥିବା ମୋନାଲିସା ମହାନ୍ତିଙ୍କୁ ରଞ୍ଜନ ଓ କାଲୁ ଏପ୍ରିଲ ୨୧ରେ ଟାର୍ଗେଟ କରିଥିଲେ। ମୋନାଲିସା ତାଙ୍କ ପୁଅ ପ୍ରିୟାଂଶୁଙ୍କୁ ସ୍କୁଟିରେ ବସାଇ ବିଜେବି କଲେଜରେ ପଢୁଥିବା ଝିଅଙ୍କୁ ଆଣିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟାବେଳେ ସେ ପୁଅ ସହିତ ତାରା ପଟ୍ଟନାୟକ ଗଳି ଦେଇ ଘରକୁ ଫେରୁଥିଲେ। ପଛରେ ତାଙ୍କ ଝିଅ ମଧ୍ୟ ଅନ୍ୟ ଏକ ସ୍କୁଟିରେ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ମୋନାଲିସାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଫଳରେ ସ୍କୁଟିରୁ ପଡ଼ି ମୋନାଲିସା ଓ ତାଙ୍କ ପୁଅ ଗୁରୁତର ହୋଇଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ମନୋଜ କୁମାର ପାତ୍ରଙ୍କ ଏତଲାକ୍ରମେ ପୋଲିସ ଆଇପିସି ଦଫା ୩୯୪ରେ ଏକ ମାମଲା (ନଂ.୧୯୯/୨୦୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଏହି ମାମଲାର ଶୁଣାଣି ସମୟରେ ୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ରାୟ ଶୁଣାଇଛନ୍ତି। ସହକାରୀ ସରକାରୀ ଓକିଲ ସୁଶାନ୍ତ କୁମାର ଦାଶ ଏବଂ ବିଶ୍ୱରଞ୍ଜନ ରାଉତ ଏହି ମାମଲା ପରିଚାଳନା କରୁଥିଲେ।



ରଞ୍ଜନ ପ୍ରଧାନ ଓ ଚନ୍ଦନ ସାହୁ ଓରଫ କାଲୁ।

# ବିଶ୍ୱ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ଦିବସରେ ସଚେତନତା ଅଭିଯାନ

ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ବିଶ୍ୱ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ଦିବସ ଅବସରରେ ଗୁରୁବାର ଜନସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡିଏମ୍‌ଡି ରୋଗରେ ଆକ୍ରାନ୍ତ ପିଲାଙ୍କ ଅଭିଭାବକଙ୍କୁ ନେଇ ଗଠିତ ଓଡ଼ିଶା ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ (ଓଡିଏମ୍‌ଡିଏ)ର ସଭାପତି ବିଷ୍ଣୁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏମ୍‌ସ ଏବଂ କ୍ୟାପିଟାଲ ହସ୍ପିଟାଲ ନିକଟରେ ଏହି ଅଭିଯାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡିଏମ୍‌ଡି ଏକ ବିରଳ ଜେନେଟିକ୍ ବ୍ୟାଧି ଯାହା ପ୍ରଗତିଶୀଳ ମାଂସପେଶୀକୁ ହ୍ରାସ କରିଥାଏ। ଏଥିସହ ଶିକ୍ଷଣ ଅକ୍ଷମତା, ବାରମ୍ବାର ପଡିବା ଆଦି ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିଥାଏ। ଏହି ରୋଗ ସହିତ ଜନ୍ମ ହୋଇଥିବା ପିଲାମାନଙ୍କଠାରେ ୫-୬ ବର୍ଷ ବୟସରେ ଲକ୍ଷଣ ଦେଖାଯାଇଥାଏ। ୧୨-୧୩ ବର୍ଷ ବୟସ ବେଳକୁ ସେମାନେ ହ୍ୱିଲ ଚେୟାରର ସହାୟତା ନେଇଥାନ୍ତି। ଭାରତରେ ଏପର୍ଯ୍ୟନ୍ତ ଏହି ରୋଗର କୌଣସି ଉପଯୁକ୍ତ ଚିକିତ୍ସା ଉପଲବ୍ଧ ନାହିଁ। ତେବେ ଜିନ୍ ଥେରାପି ଯୁକ୍ତରାଷ୍ଟ୍ରରେ ଏଫ୍‌ଡିଏ ଅନୁମୋଦନ ପାଇଥିଲେ ବି ଏହାର ମୂଲ୍ୟ ପ୍ରାୟ ୨୬ କୋଟି ଟଙ୍କା ଏବଂ ବୟସ ନିର୍ଦ୍ଦିଷ୍ଟ ଅଟେ। ସେହିପରି କିଛି ପିଲା ନୂଆଦିଲ୍ଲୀରେ ଏକ୍ସନ-ସ୍କିପିଂ ଇଞ୍ଜେକ୍ସନ ଗ୍ରହଣ କରିଥିଲେ ବି ଏହାର ପ୍ରଭାବ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଏହି ରୋଗରେ ପୀଡିତ ବ୍ୟକ୍ତିଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଆବଶ୍ୟକସ୍ଥଳେ ଇଲେକ୍ଟ୍ରି ହ୍ୱିଲ ଚେୟାର, ଉପଯୁକ୍ତ ଫିଜିଓଥେରାପି, ଜେନେଟିକ୍ ଟେଷ୍ଟ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏନେଇ ସଭାପତି ପାଣିଗ୍ରାହୀ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକ ଜେନେଟିକ୍ ବ୍ୟାଧି ବିଷୟରେ ଜାଣିନାହାନ୍ତି। ତେଣୁ ତାଙ୍କୁ ସଚେତନ କରିବା ପାଇଁ ଏହି ଅଭିଯାନ କରାଯାଉଛି। ସେହିପରି ଉପଯୁକ୍ତ ପରୀକ୍ଷା ମାଧ୍ୟମରେ ଡିଏମ୍‌ଡି ପିଲାଙ୍କ ଜନ୍ମକୁ ରୋକିବା ପାଇଁ ଏକ ନୀତି ପ୍ରସ୍ତୁତ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଉଥିବା ସେ କହିଥିଲେ।



# ୫୦ କେଜିର ଲଡୁ ଲାଗି ହେବ

## ସଂକ୍ଷେପରେ

### ବ୍ୟକ୍ତିତ୍ୱ ନିର୍ମାଣ ସମ୍ପର୍କରେ ଆଲୋଚନାଚକ୍ର

ଟାଙ୍ଗୀ,୭।୯(ରଘୁନାଥ ସାହୁ)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ଗୁରୁବାର ବିଭିନ୍ନ ବିଦ୍ୟାଳୟରେ ବ୍ୟକ୍ତିତ୍ୱ ନିର୍ମାଣ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚମ୍ପାଗଡ ଉଚ୍ଚ ବିଦ୍ୟାଳୟ ଓ କେରଣ୍ଡାଟାଙ୍ଗୀ ବାଳକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ଜ୍ଞାନ ପରୀକ୍ଷା କରାଯିବା ସହ ବ୍ୟକ୍ତିତ୍ୱ ନିର୍ମାଣ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ରାଜେନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିତ୍ୱ ନିର୍ମାଣର ସହଜ ମାର୍ଗ ବୁଝାଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଚାରାରୋପଣ

କୃଷ୍ଣପ୍ରସାଦ,୭।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବୁଦ୍ଧିବର ଡିଆକୁଦା ହାଇସ୍କୁଲ ପରିସରରେ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଆଇଏସଆର ଫାଉଣ୍ଡେଶନ ଓ ଗ୍ରୀନ ପାରିକୁଦ ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଜ୍ରକୋଟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ହିମାଂଶୁ ଶେଖର ବଳ, ବରିଷ୍ଠ ଅଧିକାରୀ ବୈଜୟନ୍ତି ସେଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୁଦ୍ଧିବର ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ତରେଇ, ଦେବରାଜ ତରେଇ,ପ୍ରକାଶ ରଥ, କୁଳମଣି ବିଶ୍ୱାଳ, ବୁଦ୍ଧଦେବ ବିଶାଳ, ସରୋଜ ଦଳେଇ, ବୁଲିମଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗଛର ଉପକାରିତା ଓ ତାର ଯତ୍ନ ସମ୍ପର୍କରେ ସଚେତନ କରାଇଥିଲେ। ଗ୍ରୀନ ପାରିକୁଦର ସଦସ୍ୟା ଅମିତା ତରେଇଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏହି ଅବସରରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମିଶନ ଶକ୍ତି ଜରିଆରେ ୧୧୨ଜଣଙ୍କୁ ଦୁଇ ହଳ ଲେଖାଏ ପୋଷାକ ବଣ୍ଟନ କରାଯାଇଥିଲା। ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀ ଖାରକଟା ଏହି ପୋଷାକ ବିତରଣର ଦାୟିତ୍ୱ ବହନ କରିଥିଲେ। ଦୈତାରୀ ବିଶ୍ୱାଳ, ସଚ୍ଚିଦାନନ୍ଦ ଜେନା, ବାଳକୃଷ୍ଣ ଦାଶ, ବିଶ୍ୱମ୍ଭର ଦାଶ, ସଞ୍ଜୟ ଜେନା, ପଞ୍ଚାନନ ଜେନା, ମିନାରାଣୀ ସାହୁ, ନକୁଳ ସୁନ୍ଦରା ପ୍ରମୁଖ ସହଯୋଗ କରିଥିଲେ।

### ଜଟଣୀରେ ନନ୍ଦୋତ୍ସବ ପାଳିତ

ଜଟଣୀ,୭।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ନିରଞ୍ଜନପୁର ବେହେରାସାହିସ୍ଥିତ ନୀଳଚକ୍ର ଯୁବକ ସଂଘ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ନନ୍ଦ ଉତ୍ସବ ପରିପ୍ରେକ୍ଷୀରେ ଗୁରୁବାର ଆୟୋଜକ ଯୁବକ ସଂଘ ପକ୍ଷରୁ ଲଉଡ଼ି ଖେଳ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଗୋପାଳ ସାମ୍ପ୍ରଦାୟର ଶ୍ରଦ୍ଧାଳୁ ଭାଗ ନେଇଥିଲେ। ନନ୍ଦ ଉତ୍ସବ ଓ ଲଉଡ଼ି ଖେଳ ପ୍ରତିଯୋଗିତା ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।

### ସାନଅଁଳରେ ନନ୍ଦୋତ୍ସବ

କୃଷ୍ଣପ୍ରସାଦ,୭।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନଅଁଳ ଗ୍ରାମରେ ଶିକ୍ଷକ ନରେନ୍ଦ୍ର କୁମାର ସିଂହଙ୍କ ନେତୃତ୍ୱରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଭାଗବତ ଦେବଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ କୃଷ୍ଣ ବଳରାମ, ନନ୍ଦ ଓ ନନ୍ଦରାଣୀ, ସଖା ଆଦି ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରି ନିକଟ ଗ୍ରାମ ଦଳବେହେରା ସାହି, ପାଇକସାହି, ଇପିଙ୍ଗସ୍ଥିତ ଜଗନ୍ନାଥ ମନ୍ଦିର, କୃଷ୍ଣପ୍ରସାଦ ଗଡ଼ ବଜାର ଆଦି ପରିକ୍ରମା କରିଥିଲେ। ସାନଅଁଳ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦୁର ସିଂହଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ଗ୍ରାମର ପିଲାମାନେ ଅଭିନୟରେ ଅଂଶଗ୍ରହଣ କରିଥିଲେ।

## ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପୂଜା କମିଟି

- ପୂଜା ପାଇବେ ୨୦ ଫୁଟ ଉଚ୍ଚର ଗଣେଶ
- ୧୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ

ଜଟଣୀ,୭।୯(ରବୀନ୍ଦ୍ର ନାଥ ମହାକୁଡ଼)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପୂଜା କମିଟି ମଧ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ପ୍ରତିବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ କିଛି କିଛି ନୂଆ କରିବାର ପ୍ରୟାସ କରିଥାଏ ସଂଘ। ଏଥର ଏଲ୍‌ଇଡି ଲାଇଟରେ ୪୫ ଫୁଟର ରାମଦୋଳି ଗେଟ୍ ଏବଂ ବିଭିନ୍ନ ପ୍ରକାର ମେକାନିକାଲ ଲାଇଟ ରହିବ, ଯାହାକି ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

ବହୁ ବର୍ଷ ପୂର୍ବେ ପୋଷ୍ଟ ଅଫିସ ଛକରେ ବ୍ୟବସାୟୀ ସୀତାରାମ ଅଗ୍ରୱାଲ ନିଜ ଘରେ ପ୍ରଥମେ ଛୋଟ ଛୋଟ ତ୍ରିମୂର୍ତ୍ତିଙ୍କୁ ନେଇ ପୂଜା ଆରମ୍ଭ କରିଥିଲେ। କୌଣସି କାରଣରୁ ପୂଜା କିଛି ବର୍ଷ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ବୃଦ୍ଧି ହେବାରୁ ବ୍ୟବସାୟୀମାନେ ଏକତ୍ରିତ ହୋଇ ଥାନା ଛକରେ ପୂଜା କରିଆସୁଥିଲେ। ୨୦୧୭ ରୁ ପୁଣି ପୋଷ୍ଟ ଅଫିସ ଛକରେ ଏହି ପୂଜା ପାଳନ ହୋଇଆସୁଅଛି। ଏଥର ମା'ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ସହ ୨୦ଫୁଟ ଉଚ୍ଚର ଗଜାନନଙ୍କ ମୂର୍ତ୍ତି ପୂଜା ପାଇବାକୁ ଥିବାବେଳେ ୫୦କେଜି ଓଜନର ଦେଶୀ ଘିଅ ଏବଂ ବେସନରେ ପ୍ରସ୍ତୁତ ଲଡୁ ଠାକୁରଙ୍କ ଠାରେ ଲାଗିହେବ। ପ୍ରାୟ ୨୦ଲକ୍ଷ ଟଙ୍କା ପୂଜାରେ ଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଚୁଡ଼ାଘଷା ସହିତ ବିଭିନ୍ନ ଫଳ ଭୋଗ ଲାଗି ହେଉଥିବା ବେଳେ ମଧ୍ୟାହ୍ନରେ ମାନସିକଧାରୀଙ୍କ ଦ୍ୱାରା ଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟାରେ ପାଳି ଅନୁଯାୟୀ ବ୍ୟବସାୟୀ ବିଭିନ୍ନ ଭୋଗ ଠାକୁରଙ୍କ ନିକଟରେ ଲାଗି କରିଥାନ୍ତି। ପୂଜା ସମୟରେ ଏହି ମଣ୍ଡପରେ ବିଭିନ୍ନ ଅଞ୍ଚଳର ମା'ଭଉଣୀମାନେ ଅନନ୍ତ ବ୍ରତ ଏବଂ ସୁଦଶା ବ୍ରତ କରିଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କମିଟି ପକ୍ଷରୁ ସ୍ଥିର ହୋଇଛି। ପୂଜା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସହିତ ୧୦୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଭସାଣି ଶୋଭାଯାତ୍ରାର ପରଦିନ ୫୦କେଜିର ଲଡୁ ନିଲାମ ହେବ ବୋଲି ବୋଲି ସଂଘ ପକ୍ଷରୁ କୁହାଯାଇଛି।


ଶୋଭା ପାଇବାକୁ ଥିବା ଏଲିଡ୍ ଗେଟ୍‌ର ନକଲ।

### ଏମାନେ ଯାହା କୁହନ୍ତି...


“ଜଟଣୀରେ ତ୍ରିମୂର୍ତ୍ତି ପୂଜା ପାଇବାର ପରମ୍ପରା ରହିଛି। ସବୁ ଅନୁଷ୍ଠାନ ଏବଂ ବ୍ୟବସାୟୀ ସଂଘର ପୂଜା ମଣ୍ଡପରେ ମା'ସରସ୍ୱତୀ, ଲକ୍ଷ୍ମୀଙ୍କ ସହିତ ଗଣେଶ ପୂଜା ପାଇଥାନ୍ତି। ଏଥର ୨୦ଫୁଟ ଉଚ୍ଚର ଗଜାନନଙ୍କ ମୂର୍ତ୍ତି ପୂଜା ପାଇବେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ଭାଇଚାର ସୃଷ୍ଟି ସଂଘର ମୁଖ୍ୟ ଉଦ୍ଦେଶ୍ୟ।

**- ହେମନ୍ତ କୁମାର ସୁନ୍ଦରାୟ, ସଭାପତି, ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ**


“ଏଥର ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ୪୫ଫୁଟର ରାମଦୋଳି ଏଲ୍‌ଇଡି ଲାଇଟ ଗେଟ୍ ରହିବ। ପୂଜା ସମୟରେ ଦୀର୍ଘ ୧୦ଦିନ ଧରି ଯୋଡ଼ ଶଙ୍ଖ, ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ରଣପା, ଶିଳ୍ପୀକା ପକ୍ଷରୁ ଆଧୁନିକ ନୃତ୍ୟ, ମେଲୋଡି ସହିତ ମିନାବଜାରର ଆନନ୍ଦ ନେବେ ଦର୍ଶକ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

**- ମାନସ କୁମାର ମିଶ୍ର, ସମ୍ପାଦକ, ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ**

## ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୭।୯(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ଡ.ସଂଘମିତ୍ରା ମିଶ୍ର ଯୋଗଦେଇ କହିଥିଲେ, ପରିବର୍ତ୍ତିତ ପରିସ୍ଥିତିରେ ଶିଶୁମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲେଖକମାନେ ଶିଶୁ ସାହିତ୍ୟ ରଚନା କରିବା ଉଚିତ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସଙ୍ଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ଡ. ସନାତନ ପଣ୍ଡା ପିଲାଙ୍କ ସାହିତ୍ୟକୁ ଆଦୃତ ଓ ବ୍ୟାପକ କରିବା ପାଇଁ ବିଦ୍ୟାଳୟ ସ୍ତରରେ ନିଆଯାଉଥିବା କେତେକ ପଦକ୍ଷେପ ଓ ପାଠାଗାର ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଅବତାରଣା କରିଥିଲେ। ସମ୍ମାନିତ ଅତିଥିଭାବେ ଡ. ବିଜୟା ପାତ୍ର, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ , ସତ୍ୟନାରାୟଣ ମିଶ୍ର , ରେଖା ଦାସ, ଡ.ହେମନ୍ତ ଛୋଟରାୟ, ନୀଳମଣି ଚାନ୍ଦ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ମହେନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ। ଡ. ସନାତନ ପଣ୍ଡାଙ୍କ ଦ୍ୱାରା ରଚିତ ଓ ଶିଶୁ କଣ୍ଠଶିଳ୍ପୀ ଶ୍ରୁତି ସୁଲଗ୍ନା ଗାନ କରିଥିବା 'ଏକାଡେମୀର ସପନ ହେବ ସାକାର' ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା।


ଜଟଣୀ: ନନ୍ଦ ଉତ୍ସବ ଅବସରରେ ଗୁରୁବାର ନିରଞ୍ଜନପୁର ଗ୍ରାମର ନୀଳଚକ୍ର ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଲଉଡି ଖେଳର ଦୃଶ୍ୟ।

## ଝିଅର ତଣ୍ଟି କାଟି ବାପା ଗିରଫ

ବାଲକାଟୀ,୭।୯(ମନୋଜ ମଣ୍ଡଳ)

୩ ବର୍ଷ ଝିଅର ତଣ୍ଟି କାଟିବା ଘଟଣାରେ ବାପା ଗଣେଶ୍ୱର ସିଂଙ୍କୁ ବାଲିଅନ୍ତା ପୋଲିସ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୪/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଗଣେଶ୍ୱର ବାଲକାଟୀ ସତକାଣିଆ ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ୬ବର୍ଷ ହେବ କାମ କରିଆସୁଥିଲେ। ତେବେ ଗଣେଶ୍ୱରଙ୍କ ଦୁଇଟି ଝିଅ ଥିବା ବେଳେ ବଡ଼ ଝିଅର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। ତେବେ ଝିଅର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା। ବୁଧବାର ସକାଳେ ପାରିବାରିକ କଳହକୁ ନେଇ ଗଣେଶ୍ୱର ଏକ ଧାରୁଆ ଅସ୍ତ୍ରରେ ଝିଅର ତଣ୍ଟି କାଟିଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବାଲକାଟୀ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କୁ ଆଣି ଅଟକ ରଖିବା ସହ ପଚରାଉଚରା ଚଳାଇଥିଲା।

## ଜଳିଗଲା କପଡ଼ା ବୋଝେଇ ଗାଡ଼ି

ବାରଙ୍ଗ,୭।୯(ଲିଙ୍ଗରାଜ ରାଉତ)

ପୁରୀ ମୁଖ୍ୟ କେନାଲ ଦେଇ ଅନୁଗୋଳ ଯାଉଥିବା ଏକ କପଡ଼ା ବୋଝେଇ ଗାଡ଼ି ରାସ୍ତା ମଝିରେ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି। ଖବରପାଇ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଗାଡିରେ ଥିବା ଦାମୀ କପଡ଼ା ଓ ଗାଡ଼ିଟି ପୋଡ଼ିଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଓଡି୧୬ଏକ୍ସ୦୧୨୫ ନଂ. ବିଶିଷ୍ଟ ମିନିଟ୍ରକଟି ଲକ୍ଷାଧିକ ଟଙ୍କାର ଦାମୀ ବ୍ରାଣ୍ଡର କପଡ଼ା ବୋଝେଇ କରି ଭୁବନେଶ୍ୱରରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ପାଖାପାଖି ରାତି ୨ଟା ସୁଦ୍ଧା ଗାଡ଼ିଟି ମୁଣ୍ଡଳୀ ପାଖ ପୁରୀ ମୁଖ୍ୟ କେନାଲ ରାସ୍ତା ଦେଇ ଯିବାବେଳେ ହଠାତ୍ ପଛପଟୁ ନିଆଁ ଲାଗିବା ଆରମ୍ଭ କରିଥିଲା। ନିଆଁ ବଢ଼ିବାରୁ ଚାଳକ ଜଣକ ଜାଣିପାରିବାରୁ ଗାଡ଼ି ଅଟକାଇଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରିବାରେ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଲେ। ଅନ୍ୟପଟେ ଚାଳକ କିଛି ଦୂରରେ ଥିବା ଏକ ମନ୍ଦିରକୁ ଯାଇ ସେଠାରେ ଶୋଇଥିବା ପିଲାଙ୍କୁ ସାହାଯ୍ୟ ମାଗିଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇବା ବେଳକୁ ଗାଡ଼ିଟି ପୋଡ଼ିଯାଇଥିଲା। ତବେ ଶର୍ଟସର୍କିଟ ଯୋଗୁ ଗାଡ଼ିରେ ନିଆଁ ଲାଗି ଥିବା ଅଗ୍ନିଶମ ବାହିନୀ ସନ୍ଦେହ କରୁଥିବାବେଳେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କପଡ଼ା ପୋଡ଼ିଯାଇଥିବା ଜଣାପଡ଼ିଛି।

## ବିଶ୍ୱ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ଦିବସରେ ସଚେତନତା ଅଭିଯାନ

ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ବିଶ୍ୱ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ଦିବସ ଅବସରରେ ଗୁରୁବାର ଜନସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡିଏମ୍‌ଡି ରୋଗରେ ଆକ୍ରାନ୍ତ ପିଲାଙ୍କ ଅଭିଭାବକଙ୍କୁ ନେଇ ଗଠିତ ଓଡ଼ିଶା ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ (ଓଡିଏମ୍‌ଡିଏ)ର ସଭାପତି ବିଷ୍ଣୁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏମ୍‌ସ ଏବଂ କ୍ୟାପିଟାଲ ହସ୍ପିଟାଲ ନିକଟରେ ଏହି ଅଭିଯାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ ମଧ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡିଏମ୍‌ଡି ଏକ ବିରଳ ଜେନେଟିକ୍ ବ୍ୟାଧି ଯାହା ପ୍ରଗତିଶୀଳ ମାଂସପେଶୀକୁ ହ୍ରାସ କରିଥାଏ। ସଭାପତି ପାଣିଗ୍ରାହୀ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକ ଜେନେଟିକ୍ ବ୍ୟାଧି ବିଷୟରେ ଜାଣିନାହାନ୍ତି।

## ଟଙ୍କା, ମୋବାଇଲ ଜବତ: ୪ ଗିରଫ


ଗିରଫ ୪ ଅଭିଯୁକ୍ତ ଏବଂ ଜବତ ମୋବାଇଲ ଏବଂ ଟଙ୍କା।

ବେଗୁନିଆ,୭।୯(ହର ପ୍ରସନ୍ନ ପଣ୍ଡା)

ଦୁଇଟି ଚୋରି ଘଟଣାରେ ବେଗୁନିଆ ଥାନା ପୋଲିସ ୪ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଗୁନିଆ ଥାନା ଦେଉଳି ଅଞ୍ଚଳର ଦେବାଶିଷ ମହାନ୍ତି, ସୋନପୁର ଜିଲା ବିନିକା ଥାନା କଇଁତରା ଗ୍ରାମର ଅଭିଭରା ସାଗର, କଟକ ଜିଲା ବଡ଼ମ୍ବା ଗ୍ରାମର ବବୁଲ ନାୟକ ଓ ଏସ୍.କେ. ରଉସ। ଏମାନଙ୍କଠାରୁ ୧୫ଶହ ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା(ନଂ.୩୧୧, ୩୧୪/୨୩) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି। ସୂଚନାଥାଉ କି, ଗତ ୨୭ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଏକ ଅଟୋରେ ଦେବାଶିଷ ଓ ଅଭିଭରା ବେଗୁନିଆକୁ ଆସିଥିଲେ। ଅଟୋ ଚାଳକଙ୍କୁ ବେଗୁନିଆରୁ ଦେଉଳି ଗ୍ରାମକୁ ଯିବାକୁ କହିଥିଲେ। ବାଟରେ ତାଳତୁମ୍ବ ଗ୍ରାମ୍ୟ ଜଙ୍ଗଲ ପରିସରରେ ଚାଳକଙ୍କୁ ମାଡ଼ମାରି ୬ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ସେହିପରି ବବୁଲ ଓ ରଉସ ଧଳାପଥର ବଜାରରେ ଥିବା ସୁଦର୍ଶନ ସାହୁଙ୍କ ଦୋକାନରୁ ଦୁଇଟି ମୋବାଇଲ ଫୋନ ଓ ଟଙ୍କା ଚୋରି କରୁଥିଲେ। ଲୋକେ ଦେଖି ଉଭୟଙ୍କୁ କାବୁକରି ଧଳାପଥର ଫାଣ୍ଡି ପୋଲିସ ଜିମା ଦେଇଥିଲେ।

## ଡ୍ରେନେଜ୍ ବିପର୍ଯ୍ୟସ୍ତ, ଲୋକେ ହଇରାଣ

ବୋଲଗଡ଼,୭।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଗ୍ରାମ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଡ୍ରେନେଜ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ଗ୍ରାମ ମଧ ଦେଇ ଯାଇଥିବା ପୂର୍ତ୍ତ ରାସ୍ତାରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଡ୍ରେନ୍ ଉପର ଖୋଲା ରହିଥିବା ବେଳେ ସାହି ରାସ୍ତାର ସଂଯୋଗ ସ୍ଥାନରେ ଥିବା ସ୍ଲାବ୍‌ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହିବାରୁ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଉଛି। ଫଳରେ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗରେ ଲୋକେ ପୀଡ଼ିତ ହେବାର ଆଶଙ୍କା ରହିଛି। ସୂଚନାଥାଉ କି, ରାଜସୁନାଖଳା ପଟୁ ହାଟବସ୍ତ ଗ୍ରାମ ଦେଇ ଧଳାପଥର ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ସ୍ଥାନୀୟ ବାସିନ୍ଦାଙ୍କ ଗମନାଗମନ ପାଇଁ ଜୀବନରେଖା ସଦୃଶ। ଗ୍ରାମର ଦକ୍ଷିଣ ମୁଣ୍ଡରୁ ଉତ୍ତର ଦିଗକୁ ରାସ୍ତାଟି ଯାଇଥିବା ବେଳେ ଗ୍ରାମର ପ୍ରତ୍ୟେକ ସାହିକୁ ଏହା ସଂଯୋଗ କରୁଛି। ଗ୍ରାମର ସାହିଗୁଡ଼ିକର ବର୍ଷାଜଳ ଏହି ମୁଖ୍ୟ ରାସ୍ତା ପାର୍ଶ୍ୱ ଡ୍ରେନ ଦେଇ ନିଷ୍କାସନ ହୋଇଥାଏ। ତେବେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ମଇଳା ପାଣି ନିଷ୍କାସନ ହୋଇ ନ ପାରି ଦେଶସାହି ମୁଣ୍ଡରେ ଥିବା ହନୁମାନ ମନ୍ଦିର, ବଡ଼ସାହି ନିକଟରେ ଥିବା ମାଣିକପୁର ରାସ୍ତା ସଂଯୋଗ ସ୍ଥଳରେ ନିଷ୍କାସିତ ହେଉଛି। ଫଳରେ ସାମାନ୍ୟ ବର୍ଷାରେ ବର୍ଜ୍ୟଜଳ ଗ୍ରାମ ରାସ୍ତା ଉପରେ ହିଁ ପ୍ରବାହିତ ହେଉଛି ଏବଂ ଖାଲୁଆ ସ୍ଥାନରେ ଜମି ରହୁଛି। ସାହିଗୁଡ଼ିକ ପ୍ରବେଶ ସ୍ଥାନରେ ଡ୍ରେନ୍ ଉପରେ ଥିବା କଂକ୍ରିଟ ସ୍ଲାବ୍ ଭାଙ୍ଗି ନଷ୍ଟ ହୋଇଗଲାଣି। ସେହିପରି ଦେଶ ସାହି ଓ ମୂଳ ସାହି ସଂଯୋଗ ସ୍ଥାନରେ ଡ୍ରେନ ଉପରେ ଥିବା ସ୍ଲାବ୍‌ଗୁଡ଼ିକ ମଧ ଭାଙ୍ଗିରୁଜି ଗଲାଣି। ମାଣିକପୁରକୁ ସଂଯୋଗ କରୁଥିବା ରାସ୍ତାରେ ମଧ ଏଭଳି ପରିସ୍ଥିତି ଲାଗି ରହୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଗ୍ରାମବାସୀ ନିବେଦନ କରିଛନ୍ତି।




ବୋଲଗଡ: ନନ୍ଦ ଉତ୍ସବ ଅବସରରେ ରାଧାକୃଷ୍ଣ ବେଶରେ ପିଲାମାନେ ଗ୍ରାମ ପରିକ୍ରମା କରୁଛନ୍ତି।


ଜଟଣୀ: ନନ୍ଦ ଉତ୍ସବ ଅବସରରେ ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।



କୃଷ୍ଣପ୍ରସାଦ: ବିଭିନ୍ନ ବେଶରେ ସଜ୍ଜିତ ପିଲାମାନେ ଗ୍ରାମ ପରିକ୍ରମ କରୁଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୯।୨୦୨୩

| ୩,୦୨,୩୭୫ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୭୧.୬୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି

ପୁରୀ, ୭।୯ ( ଅଜିତ୍ ମହାନ୍ତି)

ପବିତ୍ର ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ସମ୍ପର୍ନ୍ନ ହେବାପରେ ରାମକୃଷ୍ଣ ଓ ମଦନମୋହନ ଜଗମୋହନରେ ଥିବା ଦୋଳିକୁ ବିଜେ କରିଥିଲେ। ସକାଳ ଧୂପ ପରେ ପାଣିପକା ଭୋଗ ହୋଇଥିଲା। ଏହି ଦିନ ଭୋଗମଣ୍ଡପ ଘର ଓ ଶ୍ରୀବିଗ୍ରହଙ୍କ ମଧ୍ୟରେ ଦୋଳି ଥିବାରୁ ଭୋଗମଣ୍ଡପ ଭୋଗକୁ ପାଣିପକା ଭୋଗ କୁହାଯାଏ। ଏହା ପରେ ଶ୍ରୀବିଗ୍ରହମାନଙ୍କ ମଇଲମ, ମହାସ୍ନାନ, ମହାସ୍ନାନ ହୋଇ ନୂଆ ଲୁଗା ଲାଗି ହେବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ସର୍ବାଙ୍ଗ କରିଥିଲେ। ପରେ ଠାକୁରମାନଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଏହାପରେ ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଖଣ୍ଡିଏ ଲାଗି କରାଇ କର୍ପୂର ଲାଗି କରାଯାଇଥିଲା। ପରେ ସୁଭଦ୍ରା ଓ ଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ଓ ମାର୍କଣ୍ଡି ପୂଜା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପର ଛେକ ରୋଷ ଘରୁ ଘଣ୍ଟ, ଛତା ଓ କାହାଳୀ ସହ ତଲ୍ଲୁଛ ଓ ପ୍ରଧାନୀଙ୍କ ହାତ ପୈଠ କରି ଆଣିଥିଲେ। ମୁଦିରସ୍ତଙ୍କ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପୂଜା କରିଥିଲେ। ପରେ ମଧ୍ୟାହ୍ନ ଧୂପ ହୋଇ ଧୋପଖାଳ ହେବାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଆସି ଜଗନ୍ନାଥଙ୍କ ବାଡ଼ ଓ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ଭଣ୍ଡାର ଘରୁ ଦୁର୍ଗା ମୂର୍ତ୍ତିଙ୍କୁ ପତି ମହାପାତ୍ର ବିଜେ କରିବା ପରେ ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ଦୁର୍ଗାଙ୍କୁ ଜଗମୋହନର ଦୋଳି ଆଗରେ ଖଟୁଲି ଉପରେ ବିଜେ କରାଯାଇଥିଲା। ଏଠାରେ ମହାସ୍ନାନ ଓ ଶୀତଳ ଭୋଗ ହେବା ପରେ ବନ୍ଦାପନା ହୋଇ ଦୁର୍ଗାଙ୍କୁ ସାତ ପାହାଚ ଦ୍ୱାରଠାରେ ଡମ୍ଫରୁ ଉପରେ ବିଜେ କରାଯାଇଥିଲା। ଏଠାରେ ବିଜୁଳି କନ୍ୟାନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଦେବୀଙ୍କର କର୍ପୂର ଆଳତି କରାଯାଇ ଭଣ୍ଡାରକୁ ବାହୁଡ଼ା ବିଜେ କରାଯାଇଥିଲା। ଦୋଳିରେ ବସିଥିବା ରାମକୃଷ୍ଣ ଓ ମଦନମୋହନଙ୍କୁ ଖଟ ଉପରେ ବିଜେ କରାଯାଇଥିଲା। ଏଠାରେ ମାଜଣା ଓ ମାଳଫୁଲ ଲାଗି ପରେ ଦିଅଁଙ୍କୁ ସାତ ପାହାଚ ଦ୍ୱାରଠାରେ ପାଲିଙ୍କିରେ ବସାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରାଯାଇଥିଲା। ପରେ ଭିତରଚ୍ଛ ମହାପାତ୍ର (ନନ୍ଦ ରାଜା)ରୂପରେ ରାଜାଙ୍କ ନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଏହାପରେ ଲେଙ୍କା ଗୋଟିଏ ଦୁହାଁଳିଆ ଗାଈ ଲକ୍ଷ୍ମୀ ମନ୍ଦିର ପାଖକୁ ଆଣିଥିଲେ। ଭରତିଆ ଗୌଡ଼ ପୁତ୍ରଜନ୍ମ ସୁସମ୍ବାଦ ନନ୍ଦରାଜାଙ୍କୁ (ଭିତରଚ୍ଛଙ୍କୁ) ଦେଇଥିଲେ ଓ ନନ୍ଦରାଜାଙ୍କ ଲୁଗା ଫେରକୁ ଟାଣି ଟାଣି ଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ ନେଇଥିଲେ। ସେଠାରେ ନନ୍ଦ ରାଜା ଗୋଦୋହନ କରି ରୁପା ପିଙ୍ଗଣରେ ଦୁଇ ଠାକୁରଙ୍କୁ ଦୁଧ ସମର୍ପଣ ଓ ପ୍ରସାଦ ଲାଗି କରାଇଥିଲେ। ପରେ ରାଶିକୋରା ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ନନ୍ଦରାଜା ପୁତ୍ରମାନଙ୍କୁ ଧରି ଜଗମୋହନର ଦୋଳାରେ ବିଜେ କରାଇଥିଲେ। ପରେ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରକୁ ବାହୁଡ଼ାବିଜେ କରିଥିଲେ। ଏଥିସହ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଥିଲା । ନୀତି ସମ୍ପନ୍ନ ହେବା ପରେ ଠାକୁରମାନଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା ।



ନନ୍ଦୋତ୍ସବ ଅବସରରେ ପୁରୀ ମଙ୍ଗଳାଘାଟଠାରେ କ୍ରୀଷ୍ଣ ବଳରାମ ଓ ନନ୍ଦଗୋପାଳ ବେଶଧାରୀ ପିଲାମାନେ ।

## ସଂକ୍ଷେପରେ

### ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଜରୁରୀ

ବିଦ୍ୟାଳୟ ସୁରକ୍ଷା କାର୍ଯ୍ୟକ୍ରମ

ପୁରୀ, ୭।୯ ( ଅଜିତ୍ ମହାନ୍ତି)

ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଏକଦିବସୀୟ ବିଦ୍ୟାଳୟ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଭିତ୍ତିଭୂମିର ବିକାଶ, ଶୈକ୍ଷିକ ବାତାବରଣ ସହ ସୁରକ୍ଷା ଏକ ବଡ଼ ଆବଶ୍ୟକତା ବୋଲି କହିଥିଲେ। ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ପ୍ରତ୍ୟେକ ଅନୁଭବ କରିବା ଉଚିତ୍ ଯେ, ଶିକ୍ଷାନୁଷ୍ଠାନ ନିରାପଦ ଓ ସୁରକ୍ଷିତ ରହିଛି। ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଋଦ୍ଧିମନ୍ତ କରିପାରିବ ବୋଲି ସାହୁ କହିଥିଲେ। ପରେ ସୁରକ୍ଷା ସମ୍ପର୍କରେ ବିବିଧ ବିଭାଗ ସୂଚନା ପ୍ରଦାନ କରିବା ସହ ନିରାପତ୍ତା ଓ ନିରାପଦ ପରିବେଶ ସୃଷ୍ଟି ପାଇଁ ପଦକ୍ଷେପ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲାମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ଅଗ୍ନି ଶମ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ହିମାଂଶୁ କୁମାର ସାମର୍ଥ, ଓସ୍ଡମାର ଡିସି ଜ୍ୟୋତିର୍ମୟ ବିଶ୍ୱାଳ, ଜରୁରୀ ବିଭାଗର ଜିଲା ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ଦାଶ, ବିଇଓ, ଏବିଇଓ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମଲାଗୁଣି ନଦୀରେ ଭାସି ବୃଦ୍ଧାଙ୍କ ମୃତ୍ୟୁ

କଣାସ,୭।୯(ବିଭୂତି ଭୂଷଣ ତ୍ରିପାଠୀ)

ମଲାଗୁଣି ନଦୀରେ ଭାସି ଯାଇ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣାସ ଅଧୀନ ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତ ଗୌଡ଼ପାଟଣା ଗ୍ରାମର କସ୍ତୁରୀ ବେହେରାଙ୍କ ସ୍ତ୍ରୀ ଲତା ବେହେରା (୬୩)। ଏନେଇ ପୋଲିସ ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଲତା ପ୍ରଭାତରୁ ଶୌଚ ହେବାକୁ ମଲାଗୁଣି ନଦୀକୁ ଯାଇଥିଲେ। ସେ ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀସୋତ୍ରରେ ଭାସି ଯାଇଥିଲେ।

## ରାଷ୍ଟ୍ର ପାଇଁ ଶ୍ରୀ ବିଶ୍ୱପ୍ରଣବଙ୍କ ସାଧନା ଉତ୍ସର୍ଗୀକୃତ ଥିଲା



ବିଶ୍ୱପ୍ରଣବ ମହାରାଜଙ୍କ ଲିଖିତ ଶ୍ରୀ ଗୋପିଗୋବିନ୍ଦ ଗୀତମ୍‌ର ଓଡିଆ ଅନୁବାଦକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ପୁରୀ,୭।୯ ( ଅଜିତ୍ ମହାନ୍ତି)

ପବିତ୍ର ଜନ୍ମାଷ୍ଟମୀ ଅବସରରେ ପରମହଂସ ଶ୍ରୀ ବିଶ୍ୱପ୍ରଣବ ମହାରାଜଙ୍କ ଜୟନ୍ତୀ ମହୋତ୍ସବ ଚକ୍ରତୀର୍ଥ ରୋଡସ୍ଥିତ ନନି ନିବାସ ଆଶ୍ରମରେ ସନାତନ ରୀତିରେ ପାଳିତ ହୋଇଛି। ଏହି ଅବସରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଆଇନଜୀବୀ ଅଶୋକ କୁମାର ମହାନ୍ତି ଯୋଗଦେଇ ପରମହଂସ ବିଶ୍ୱପ୍ରଣବ ମହାରାଜଙ୍କ ଲିଖିତ ବିଭିନ୍ନ ଭାଷାର ପୁସ୍ତକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଲୋକଲୋଚନକୁ ଆସିପାରି ନାହିଁ। ସେ ଅଖଣ୍ଡ ଭାରତବର୍ଷର ଭାରତବର୍ଷ ଓ ରାଷ୍ଟ୍ର ଭାବନା ଜାଗ୍ରତ କରିବା ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ଆଜିର ସମାଜରେ ମହାରାଜଙ୍କ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ଧ୍ୟେୟ ହେବା ଉଚିତ୍ ବୋଲି ମହାନ୍ତି କହିଥିଲେ। ଗୋକୁଳାନନ୍ଦ ପରିଡ଼ା ଆଲୋଚକ ଭାବରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ପରମହଂସ ବିଶ୍ୱ ପ୍ରଣବ ମହାରାଜଙ୍କ ଲିଖିତ ପୁସ୍ତକ ଶ୍ରୀଗୋପୀ –ଗୋବିନ୍ଦ ଗୀତମ୍‌ର ଓଡ଼ିଆ ଭାଷାନ୍ତର ଲୋକାର୍ପିତ ହୋଇଥିଲା। ଜଗତଜ୍ୟୋତି ରଥ, ପୂର୍ଣ୍ଣାନନ୍ଦ ମିଶ୍ର, ରମଣା ରାଓ, ଉତ୍ତମ ରାଜା ଦତ୍ତ, ଶତ୍ରୁ ଦମନ ମହାନ୍ତି ଏବଂ ବିଭୁତି ଭୂଷଣ ତ୍ରିପାଠୀ ଆଲୋଚନାରେ ଭାଗ ନେଇଥିଲେ।

## 'ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁ'ର ଜିଲାସ୍ତରୀୟ ଚତୁର୍ଥ ଅନ୍ତର୍ଜାତୀୟ ଦିବସ

ପୁରୀ,୭।୯(ଅଜିତ୍ ମହାନ୍ତି)

ସରଧାବାଲିସ୍ଥିତ ଭୋଳାନାଥ ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁବାର ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁର ଜିଲାସ୍ତରୀୟ ଚତୁର୍ଥ ଅନ୍ତର୍ଜାତୀୟ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରାଜଶଙ୍କର ରଥ ଯୋଗଦେଇ ବାୟୁ ପ୍ରଦୂଷଣର କାରଣ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏଥିସହିତ ସେ ସମସ୍ତଙ୍କୁ ବୃକ୍ଷରୋପଣ କରିବା ଏବଂ ସାଇକେଲ୍ ଅବା ଇଲେକ୍ଟ୍ରିକ୍ ସାଇକେଲ୍ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ବିକଳ୍ପ ଶକ୍ତି ମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇବା ସହ କାଠ ଚୁଲା ବ୍ୟବହାର ନ କରିବା ପାଇଁ କହିଥିଲେ। ଓଜୋନସ୍ତର ଦିନକୁ ଦିନ କିପରି ନଷ୍ଟ ହେବାରେ ଲାଗିଛି ଏବଂ କିପରି ଏଥିରୁ ଦୂରେଇ ରହିବେ ସେ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଗୁରୁବାର ଅସରାଏ ବର୍ଷାରେ ପୁରୀ ବଡଦାଣ୍ଡରେ ଜମିଥିବା ନର୍ଦ୍ଦମା ପାଣି ।

## ପଦକ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

ପୁରୀ,୭।୯ ( ଅଜିତ୍ ମହାନ୍ତି)

ରାଞ୍ଚିସ୍ଥିତ ହରିବଂଶ ତାନା ଭଗତ ଇନ୍‌ଡୋର ଷ୍ଟାଡିୟମରେ ସେପ୍ଟେମ୍ବର ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ୧୪ତମ ଓପନ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଓ ୨ୟ ଭଗବାନ ବିର୍ସା ମୁଣ୍ଡା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଦୁଇଟି ଇଭେଣ୍ଟ ଯଥା କିରୋଗୀ ଓ ପୁମ୍‌ସୀ ଇଭେଣ୍ଟ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ରାଜ୍ୟରୁ ୫୭ଜଣ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ପୁରୀ ଜିଲାରୁ ୧୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୫ ଜଣଙ୍କ ମଧ୍ୟରୁ ୬ ଜଣ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ଟାଏକୋଣ୍ଡୋ ଖେଳାଳିଙ୍କୁ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପୁରୀ ପ୍ରତିଯୋଗୀ ଗୋଟିଏ ରୌପ୍ୟ ଏବଂ ୫ ଟି କାଂଶ୍ୟ ପଦକ ଜିତିଛନ୍ତି। ରୌପ୍ୟ ବିଜେତା ପ୍ରତିଯୋଗିତାରେ ଆଦ୍ୟାଶା ସାମନ୍ତରାୟ ରୌପ୍ୟ ପଦକ ଜିତିଥିବା ବେଳେ ଜଟବେଦ ତ୍ରିପାଠୀ, ଶୁଭଶ୍ରୀ ଶୁଭସ୍ମିତା ତ୍ରିପାଠୀ, ଆଦ୍ୟାଶା କର, ଅର୍ପିତା ପ୍ରଧାନ, ପ୍ରିୟଙ୍କା ବଡ଼ଜେନା କାଂଶ୍ୟ ପଦକ ଜିତିଛନ୍ତି।

## ଦାବି ପୂରଣ ପାଇଁ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

ଗୋପ,୭।୯(ଭାରତୀ ଭୂଷଣ ଉପାଧ୍ୟାୟ)

■ ବ୍ଲକର ୨୪୪ ସ୍କୁଲରେ ଝୁଲିବ ତାଲା
■ ୧୪ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ

ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଗୋପ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେବେ। ଏନେଇ ଶିକ୍ଷକ ସଂଘ ଗୋପ ତହସିଲଦାର, ବିଡିଓ ଓ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଫଳରେ ଗୋପ ବ୍ଲକରେ ଥିବା ବିଭିନ୍ନ ବର୍ଗର ୨୪୪ ଗୋଟି ସ୍କୁଲରେ ତାଲା ଝୁଲିବା ସହିତ ୧୪ ହଜାରରୁ ଅଧିକ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ରହିବେ ବୋଲି ଜଣାପଡିଛି। ଦାବିଗୁଡ଼ିକ ହେଲା ୬ ବର୍ଷର ମୂଳ ଚାକିରି ଗଣନା ସହ ନ୍ୟାଶନାଲ ଇଂକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ ପ୍ରଦାନ ଭଳି ସମସ୍ତ ସୁବିଧା ସୁଯୋଗ ଦେବା। ପ୍ରକାଶ ଯେ, ୩ ଦଫା ଦାବିକୁ ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନକ୍ରମେ ରାଜ୍ୟରେ ଆନ୍ଦୋଳନ ଜାରି ରହିଥିବାବେଳେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସଂଘ ପକ୍ଷରୁ ଏହି ଦାବିପତ୍ର ଦିଆଯିବା ସହ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶୀବଦତ୍ତ ନାୟକ, ଉପସଭାପତି ପବିତ୍ର ମୋହନ ନାୟକ, ସାଧାରଣ ସମ୍ପାଦକ ସରୋଜ ମିଶ୍ର ପ୍ରମୁଖ ଏହି କାର୍ଯ୍ୟବନ୍ଦ ଦାବିପତ୍ର ଗୋପ ତହସିଲଦାର ରାଜଶ୍ରୀ ହାଁସଦା, ବିଡିଓ ଦୀପ୍ତିରାଣୀ ଓ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ଦେଇଛନ୍ତି। ଏପରି କାର୍ଯ୍ୟବନ୍ଦ ଦାବିପତ୍ର ସମ୍ପର୍କରେ ସଭାପତି ଶିବଦତ୍ତ ନାୟକଙ୍କୁ ପଚାରିବାରେ, ରାଜ୍ୟ ସଂଘର ନିର୍ଦ୍ଦେଶ ନେଇ ଏହି ଦାବିପତ୍ର ଦିଆଯାଇଥିବା କହିଛନ୍ତି।

## ଭାରତ ଯୋଡୋ ଯାତ୍ରାର ବର୍ଷ ପୂର୍ତ୍ତି ପାଳନ

ପୁରୀ ୭।୯ ( ଅଜିତ୍ ମହାନ୍ତି)

ଜିଲା କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାର ଏକ ବର୍ଷ ପୂର୍ତ୍ତି ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଜୟ ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଭିଆଇପି ରୋଡସ୍ଥିତ ଇନ୍ଦିରା ଭବନ ଠାରୁ ଗାନ୍ଧୀ ସ୍ମୃତିପୀଠ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ କଂଗ୍ରେସର ସ୍ଲୋଗାନ ଦିଆଯିବାସହ ରାହୁଲ ଗାନ୍ଧୀ କିପରି ୬ ମାସ ମଧ୍ୟରେ ୪,୧୮୬ କି.ମି. ଐତିହାସିକ ଯାତ୍ରା କରିଥିଲେ। ଯାତ୍ରା ସମୟରେ ସେ କିଭଳି ୧୮ ରାଜ୍ୟ ଅତିକ୍ରମ କରି ବିଭିନ୍ନ ବର୍ଗର ଜନ ସାଧାରଣଙ୍କ ସହ ସମସ୍ତଙ୍କୁ ସାମିଲ କରିଥିଲେ ଏବଂ ଶେଷରେ ଦିଲୀଠାରେ ପହଞ୍ଚିଥିଲେ ସେ ସମ୍ପର୍କରେ ନେତାମାନେ ମତପ୍ରକାଶ କରି ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ସଂପାଦକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଯୁବ ନେତା ସୁଜିତ ମହାପାତ୍ର, ବିନାୟକ ଦାସ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ବିଶ୍ୱ କେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ଶ୍ରୀବତ୍ସ ରଥ, ଛାତ୍ର କଂଗ୍ରେସର ବିଶ୍ୱ ରଞ୍ଜନ ମହାପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା, ଦେବାଶୀଷ ଦଇତାପତି, ମନୋଜ ବେହେରାଙ୍କ ସମେତ ବହୁ ନେତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ପୁରୀ କଂଗ୍ରେସ ପକ୍ଷରୁ ଭାରତ ଯୋଡୋର ଏକବର୍ଷ ପୂର୍ତ୍ତି ଅବସରରେ ବାହାରିଥିବା ଶୋଭାଯାତ୍ରା ।

## ଜନ୍ମାଷ୍ଟମୀ ଉପଲକ୍ଷେ ଭାରତ- ଜାପାନର ସାଂସ୍କୃତିକ ଭାବବିନିମୟ

ପୁରୀ,୭।୯ ( ଅଜିତ୍ ମହାନ୍ତି)

ପବିତ୍ର ଜନ୍ମାଷ୍ଟମୀ ଅବସରରେ ଇଣ୍ଡିଆ–ଜାପାନ ଫ୍ରେଣ୍ଡଶିପ ସେଣ୍ଟର ପରିସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଦୁଇଦେଶର କଳାକାରମାନେ ସେମାନଙ୍କ ପାରମ୍ପରିକ ଲୋକନୃତ୍ୟକୁ ପରିବେଷଣ କରିଥିଲେ। ଭାରତର ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟର ମଜା ନେଇଥିଲେ ଜାପାନୀ କଳାକାର। ସେହିପରି ଜାପାନୀ କଳାକାରମାନଙ୍କ ଦ୍ୱାରା ଡ୍ରମ୍ ବାଦ୍ୟ ଭାରତୀୟ କଳାକାରଙ୍କ ମନକୁ ଛୁଇଁଥିଲା। ଜାପାନ କଳାକାର ଓ ଭାରତ ବିଭିନ୍ନ ରାଜ୍ୟରୁ ଆସି ଥିବା କଳାକାର ଓ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉଭୟ ଦେଶର କଳା ସଂସ୍କୃତି ଓ ଲୋକନୃତ୍ୟକୁ ଉଭୟ ଦେଶର କଳାକାରମାନେ ବେଶ ଉପଭୋଗ କରିଥିଲେ। ଜାପାନର ଅନ୍ତର୍ଜାତୀୟ ଡ୍ରମ୍ ବାଦକ ନାଚୋସା ମିୟାହାରାଙ୍କ ଡ୍ରମ୍‌ବାଦ୍ୟ ସହ ସଙ୍ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ସେହିଭଳି ଭାରତର ପ୍ରସିଦ୍ଧ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତରେ ଢୁଳୁକିଥିଲା ମଞ୍ଚ। ଫଳରେ ଗୋଟିଏ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା ଦୁଇଦେଶର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ। ଉଭୟ ଦେଶର କଳା ସଂସ୍କୃତି, ଲୋକନୃତ୍ୟ ଉପସ୍ଥିତ ପର୍ଯ୍ୟଟକମାନଙ୍କ ମନ ମୋହିଥିଲା। ଅନ୍ୟପକ୍ଷରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ଓ ନୃତ୍ୟଶିଳ୍ପୀମାନେ କଥକ, ଭାରତ ନାଟ୍ୟମ ଓ ସୋଲୋ ନୃତ୍ୟ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ। ପ୍ରଭୁ କୃଷ୍ଣଙ୍କ ବିଭିନ୍ନ ଲୀଳାକୁ ଜାପାନୀ କଳାକାରଙ୍କ ସମ୍ମୁଖରେ ଭାରତର ନୃତ୍ୟଶିଳ୍ପୀମାନେ ପ୍ରଦର୍ଶିତ କରିଥିଲେ। ଅନ୍ୟପକ୍ଷରେ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଜାପାନୀ କଳାକାର ଓ ପର୍ଯ୍ୟଟକଙ୍କୁ ଜାପାନୀ ଭାଷାରେ ଅନୁବାଦ କରାଯାଇ ଭାରତର କଳା ସଂସ୍କୃତି ଓ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ଉପରେ ଅବଗତ କରାଯାଇଥିଲା। ଏଭଳି ଅନନ୍ୟ କାର୍ଯ୍ୟକ୍ରମ ଜରିଆରେ ଦୁଇ ଦେଶର କଳା ସଂସ୍କୃତି ପ୍ରଚାର ପ୍ରସାର କରିବାରେ ଉଦ୍ୟମ ଚଳାଇଛନ୍ତି ଇଣ୍ଡିଆ–ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତକୁମାର ଦାଶ ଏବଂ ସେଣ୍ଟର ପ୍ରତିଷ୍ଠାତା କୁନା ଦାଶ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମ ଜରିଆରେ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, କଳା ସଂସ୍କୃତି ଓ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହୋଇପାରିବ ବୋଲି ଦାଶ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଜାପାନ ଓ ଭାରତ କଳାକାରମାନଙ୍କୁ ସେଣ୍ଟରର ସଭାପତି ଦାଶଙ୍କ ଦ୍ୱାରା ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।



ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରରେ ଉପସ୍ଥିତ କଳାକାର ।

## ସଂକ୍ଷେପରେ

### ଡ୍ରିମ୍‌ସରେ ଏନ୍‌ବିଏ ସ୍ୱୀକୃତି ସମ୍ପର୍କିତ କର୍ମଶାଳା

କଟକ,୭।୯ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ମ୍ୟାନେଜମେଣ୍ଟ ଉଇଙ୍ଗ (ଏମ୍‌ବିଏ) ଆଇକ୍ୟୁଏ ସେଲ୍ ପକ୍ଷରୁ 'ଏନ୍‌ବିଏ ସ୍ୱୀକୃତି: ଏକ ଗୁଣାତ୍ମକ ରୂପରେଖ' ଶୀର୍ଷକ ଜାତୀୟ କର୍ମଶାଳା ଡ୍ରିମ୍‌ସ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଭଳି କର୍ମଶାଳା ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷାନୁଷ୍ଠାନର ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚ (ଏନ୍‌ଆଇଟିଟିଟିଆର୍)ର ନିର୍ଦ୍ଦେଶକ ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଜୟନ୍ତ ପରିଡ଼ା, ସମ୍ମାନିତ ବକ୍ତା କୋଲକାତାସ୍ଥିତ ଏନ୍‌ଆଇଟିଟିଟିଆର୍‌ର ପ୍ରଫେସର ରାୟପତି ସୁବାରାଓ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଡ. କଲ୍ୟାଣ କୁମାର ସାହୁ, ଉତ୍କଳ ରଞ୍ଜନ ଦାସ ଉପସ୍ଥିତ ଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉଦ୍‌ଯାପନୀ ଅଧିବେଶନରେ ଅତିଥି ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ, ପ୍ରାଧ୍ୟାପକ ଶିବଚରଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରାଧ୍ୟାପିକା ବିକଶିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ଡୁଚେନ୍ ମସ୍କୁଲାର ଡିଷ୍ଟ୍ରୋଫି ଦିବସ ପାଳିତ

କଣ୍ଟାପଡା,୭।୯(ସୁରନାରାୟଣ ସାହୁ)

କଟକ ଜିଲା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସ୍.ଭି. ନିର୍ତାର ଭୌତିକ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ଡୁଚେନ୍ ମସ୍କୁଲାର ଡିଷ୍ଟ୍ରୋଫି ଦିବସ ଓ ଦିନିକିଆ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ବେଙ୍ଗାଲୁରସ୍ଥିତ ନିମହାନ୍ସର ବରିଷ୍ଠ ଭୌତିକ ଚିକିତ୍ସକ ଭି. ଗଣପତି ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦେଇ ମାଂସପେସୀ ଜନିତ ଏହି ରୋଗର କାରଣ ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ମୋନାଲିସା ପଟ୍ଟନାୟକ ଉକ୍ତ ରୋଗ ସମ୍ବନ୍ଧୀୟ ସାମାଜିକ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡା. ବିନୟ କୁମାର ଧନ୍ୟବାଦ ଦେଇଥିଲେ। କିରଣ କୁମାର ସୁବୁଦ୍ଧି, ଅନୀମା ପରିଡା ଓ ରଞ୍ଜିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଏହି ରୋଗ ସମ୍ବନ୍ଧୀୟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

### ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

କଟକ,୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କଟକ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଗୁରୁବାର ମାଟି ଅନୁକୂଳ କରାଯାଇଛି। ଏଥିପାଇଁ କାଠଯୋଡି ନଦୀ ପଠାରେ ପୂଜା କମିଟିର କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ। ଘଣ୍ଟଘଣ୍ଟା, ତୁରୀ, ମୃଦଙ୍ଗ, ଶଙ୍ଖ ଧ୍ୱନିରେ ନଦୀପଠା ପ୍ରକମ୍ପିତ ହୋଇଥିଲା। ଖାନ୍‌ନଗର, ହରିପୁର, ତଲତେଲେଙ୍ଗା ବଜାର, ଶେଖ୍ ବଜାର, ସାଆନ୍ତ ସାହି, ଚାନ୍ଦିନୀଚୌକ ପୂଜା କମିଟି ସଦସ୍ୟମାନେ କାଠଯୋଡି ନଦୀପଠାକୁ ଆସି ପୂଜାର୍ଚ୍ଚନା କରିବା ସହ ମାଟି ଅନୁକୂଳ କରିଥିଲେ।

# ୧୬ରେ ଉଦ୍‌ଘାଟନ ହେବ ସିଏନ୍‌ବିଟି

କଟକ,୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୬ ତାରିଖରେ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ଉଦ୍‌ଘାଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଏତଦ୍‌ବ୍ୟତୀତ କଟକ ସହରରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସିଏନ୍‌ବିଟି ପରିସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗୁରୁବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପାଠାଗାର, ସିଲ୍‌ଭର ସିଟି ବୋଟିଂ କ୍ଲବ୍, ତାଳଦଣ୍ଡା କେନାଲ ନିକଟରେ ଥିବା ଫୁଡ୍‌କୋର୍ଟ, କ୍ଲକ୍ ଟାୱାର, ଛତ୍ରବଜାର ଅର୍ବାନ ହାଟ, ତାଳଦଣ୍ଡା ଉଭୟ ପାର୍ଶ୍ୱ ରାସ୍ତା, ରାସ୍ତା ନିକଟ ସୌନ୍ଦର୍ଯ୍ୟକରଣ, ଗରିବ ଓ ସ୍ୱଳ୍ପ ରୋଜଗାରକ୍ଷମଙ୍କ ପାଇଁ



ବୈଠକରେ ସିଡିଏ ଅଧ୍ୟକ୍ଷ, ଜିଲାପାଳ, ମେୟର ଓ କମିଶନରଙ୍କ ସମେତ ଅନ୍ୟମାନେ।

**୧୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ଉଦ୍ଦିଷ୍ଟ ନରଣପୁରସ୍ଥିତ ଆବାସିକ ଗୃହ, ଜାତୀୟ ରାଜପଥରୁ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ରାସ୍ତା, ବାରବାଟୀ ସଂଗ୍ରହାଳୟ, ପୁରୁଣା ଜେଲ ପରିସରରେ ନେତାଜୀ ସୁଭାଷ ପାର୍କ, ବିଶ୍ୱନାଥ ପଣ୍ଡିତ ପାଠାଗାର ଆଦିର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

ସିଏନ୍‌ବିଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ପରୀକ୍ଷାମୂଳକ ଭାବେ ୧୧ ତାରିଖରୁ ଗାଡ଼ି ଚଳାଚଳ ନିମନ୍ତେ ଗତ ୨୯ରେ ନିଷ୍ପତ୍ତି ନିଆଯାଇଥିଲା। ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲା ସହ ଅନ୍ୟ ସ୍ଥାନକୁ ଏଠାରୁ ବସ୍ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା। ସେହିପରି ସହରରେ ମୋ ବସ୍ କେଉଁ ରୁଟ୍‌ରେ ଚଳାଚଳ କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡିସିପି ପିନାକ ମିଶ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତଙ୍କ ସମେତ ରାଜ୍ୟ ପରିବହନ ଆୟୁକ୍ତ, ଓଏସ୍‌ଆର୍‌ଟିସିର ଜେନେରାଲ ମ୍ୟାନେଜର, ଟ୍ରାଫିକ ଡିସିପି, କଟକ ଆରଟିଓ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

# ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ

କଟକ ସଦର,୭।୯ (ସୁଶାନ୍ତ କୁମାର ଜେନା)

**ଟିଏମ୍‌ସି ବିଦ୍ୟୁତ୍ ବିଲ୍ ପଇଠ ପ୍ରସଙ୍ଗ**

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ର ବିଦ୍ୟୁତ୍ ବିଲ୍ ପଇଠ କରାଯାଇ ନ ଥିଲା। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ସରକାର କଟକ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଏହାର ତଦନ୍ତ କରିବା ପାଇଁ ଗୁରୁବାର କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୦ ଜୁନ୍‌ରେ କରୋନାବେଳେ ପ୍ରବାସୀ ଓଡ଼ିଆଙ୍କ ପାଇଁ ପ୍ରତି ପଞ୍ଚାୟତର ସ୍କୁଲରେ ଗୋଟିଏ ଲେଖାଏ ଟିଏମ୍‌ସି ଖୋଲାଯାଇଥିଲା। ଏହି କେନ୍ଦ୍ରରେ ପଙ୍ଖା, ଇନଭର୍ଟର ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ପ୍ରତି କେନ୍ଦ୍ର ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚାୟତ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଜମା କରାଯାଇଥିଲା। ୪ ମାସ ପରେ ଉକ୍ତ କେନ୍ଦ୍ରକୁ ବନ୍ଦ କରି ଦିଆଯାଇଥିଲା। ବିଦ୍ୟାଳୟର ବିଦ୍ୟୁତ୍ ମିଟରରୁ କରେଣ୍ଟ ବ୍ୟବହାର କରାଯାଇଥିଲେ ସୁଦ୍ଧା ପଞ୍ଚାୟତ ପକ୍ଷରୁ ବିଲ୍ ପଇଠ କରାଯାଇ ନ ଥିଲା। ଫଳରେ ବିଦ୍ୟାଳୟର ଗଚ୍ଛିତ ପାଣ୍ଠିରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଲ୍ ପଇଠ କରାଗଲା। କିନ୍ତୁ ବ୍ଲକ ଗ୍ରାଣ୍ଟ ସ୍କୁଲରେ ପାଣ୍ଠି ଗଚ୍ଛିତ ନ ଥିବାରୁ ଅଭିଭାବକମାନେ ଚାନ୍ଦା ଆଦାୟ କରିବା ପରେ ବିଦ୍ୟୁତ୍ ବିଲ୍ ପଇଠ କରାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୨୧୮୪୮/ ୨୨।୧୧।୨୦୨୨ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଉପରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ସୂଚନା ଦେଇଛନ୍ତି।



ମୋକିମ ଫାଉଣ୍ଡେଶନ ପକ୍ଷରୁ କଟକ ଟାଉନ ହଲ୍‌ଠାରେ ଗୁରୁବାର ଗୁରୁ ବନ୍ଦନା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ।

# 'ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁଙ୍କ ଭୂମିକା ରହିଛି'

କଟକ,୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ଗୁରୁ ବନ୍ଦନା କାର୍ଯ୍ୟକ୍ରମ**

ମୋକିମ ଫାଉଣ୍ଡେଶନ ପକ୍ଷରୁ କଟକ ଟାଉନ ହଲ୍‌ଠାରେ ଗୁରୁବାର ଗୁରୁ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ମାନସିଂପାଟଣା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ମିଶ୍ର ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଢିବାରେ ଗୁରୁମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଧର୍ମାନନ୍ଦ ବେହେରା ଯୋଗଦେଇଥିଲେ। ମୋକିମ ଫାଉଣ୍ଡେଶନ୍‌ର ଫାଉଣ୍ଡର ତଥା ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଗୁରୁଙ୍କ ଅବଦାନ ରହିଛି। ଏହି ଅବସରରେ କଟକ ସହରର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ମୋକିମ ଫାଉଣ୍ଡେଶନର ଟ୍ରଷ୍ଟି ତଥା ଯୁବ ଉଦ୍ୟୋଗୀ ମହମ୍ମଦ ଅଲିମ ଧନ୍ୟବାଦ ଦେଇଥିଲେ। ଅଶୋକ କୁମାର ପଣ୍ଡା, କିଶୋର ଦାସ, ଡ. କ୍ଷୀରୋଦ ଚନ୍ଦ୍ର ସାହୁ, ନୃସିଂହ ଚରଣ ସାହୁ, ସୁଜାତା ପଣ୍ଡା, ସୁକାନ୍ତି ରାୟ, ମାମିନାରାଣୀ ପଣ୍ଡା ଓ ବସନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# 'କୁଳମଣିଙ୍କ ସାହିତ୍ୟକୃତି ଅମୂଲ୍ୟ ସୃଷ୍ଟି'

କଟକ,୭।୯ (କାର୍ତ୍ତିକ ସାହୁ)

କବି କୁଳମଣି ରାଉତ କେବଳ ଜଣେ କବି ନ ଥିଲେ, ବରଂ ସେ ଏକାଧାରରେ ନାଟ୍ୟକାର, ଗୀତିକବି ଓ ସାମାଜିକ କର୍ମୀ ଥିଲେ। ତାଙ୍କ ରଚିତ ଗୀତିନାଟ୍ୟ କୁନାଳ, ଅମରବିଳାସ, କବିତା ସଙ୍କଳନ ନର୍କରୁ ନିର୍ମାଲ୍ୟ ଆଦି ଓଡ଼ିଆ ସାହିତ୍ୟର ଗୋଟିଏ ଲେଖାଏ ଅମୂଲ୍ୟ ସୃଷ୍ଟି। ନିଜ ଗ୍ରାମ କୁରୁଜଙ୍ଗାର ବହୁବିଧ ଉନ୍ନତିରେ ତାଙ୍କର ଅନନ୍ୟ ଭୂମିକା ଥିଲା ବୋଲି ଡ. ସୁନାମଣି ରାଉତ ମତବ୍ୟକ୍ତ କରିଛନ୍ତି। କବି କୁଳମଣି ରାଉତ ସ୍ମୃତି ସଂସଦ ଆନୁକୂଲ୍ୟରେ ରାଜାବଗିଚାଠାରେ କୁଳମଣିଙ୍କ ୪ର୍ଥ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ରାଉତ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏଥିରେ ସ୍ତମ୍ଭକାର ଅରୁଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡ. ବିଜୟାନନ୍ଦ ସିଂ, ମେଜର ଡ. ଚିନ୍ତାମଣି ଭାରତୀ, ଚିତ୍ତରଞ୍ଜନ ପଣ୍ଡା, ବୈଜୟନ୍ତୀ ମିଶ୍ର, କବିଙ୍କ ଅନୁଜ ଦିବାକର ରାଉତ, ପୁତ୍ର ବରଦାକାନ୍ତ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କୁଳମଣିଙ୍କ ଗୁଣାବଳୀ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅମୂଲ୍ୟକୃଷ୍ଣ ବଳ ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଶାର ପ୍ରଗତିରେ ବସନ୍ତବାବୁଙ୍କ ଅବଦାନ ଅବିସ୍ମରଣୀୟ'



ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୭।୯ (କାର୍ତ୍ତିକ ସାହୁ)

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତି ଉତ୍ସବ**

ଓଡ଼ିଶାର ପ୍ରଗତିରେ ବସନ୍ତବାବୁଙ୍କ ଅବଦାନ ଅବିସ୍ମରଣୀୟ। ବସନ୍ତ ବାବୁଙ୍କର ପ୍ରଶାସନିକ ଦକ୍ଷତା ସ୍ୱତନ୍ତ୍ର ଥିଲା। ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ଆୟୋଜିତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ସଂସଦର ପୂର୍ବତନ ସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତି ଉତ୍ସବରେ ମୁଖ୍ୟ ଅତିଥି ସାହିତ୍ୟିକ ସହଦେବ ସାହୁ ଏହି ମତବ୍ୟକ୍ତ କରିଛନ୍ତି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ବସନ୍ତବାବୁ କଥା ଓ କର୍ମ ମଧ୍ୟରେ ସମନ୍ୱୟ ରଖିଥାନ୍ତି। ତାଙ୍କ ଉଦ୍ୟମରେ ଓଡ଼ିଶା ସରକାର ସାରଳା ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେଇଥିଲେ। ମୁଖ୍ୟବକ୍ତା ଡ. ମହେଶ୍ୱର ମହାନ୍ତି କହିଥିଲେ, ବସନ୍ତ ବାବୁ ନିଜର ନିଷ୍ଠା ଓ କାର୍ଯ୍ୟଦକ୍ଷତା ଯୋଗୁ ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଡା. ନିମାଇଁ ଚରଣ ପରିଜା କହିଥିଲେ, ବସନ୍ତବାବୁ ଜଣେ କର୍ମଯୋଗୀ ଓ ଯୋଗଜନ୍ମା ପୁରୁଷ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଆଇନଜୀବୀ ବିଜୟ କୁମାର ଦାଶ କହିଥିଲେ, ବସନ୍ତବାବୁ କଥା ନୁହେଁ, କାମରେ ବିଶ୍ୱାସ କରୁଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, କୈଳାସ ଚନ୍ଦ୍ର ଦଳାଇ, ବଂଶୀଧର ରାଉତ, ଇଂ. କ୍ଷୀରୋଦ ମହାପାତ୍ର, କ୍ଷୀରାବ୍ଧି ତନୟା ମହାନ୍ତି, ସୁବାସ ମହାନ୍ତି, ବିଭୁ ପ୍ରସାଦ ପୃଷ୍ଟି, ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭୁ ପ୍ରସାଦ ରାଉତ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ବ୍ୟବହାର ଅଭିଯୋଗରେ ୨ ଗିରଫ

ଫୁଲନଖରା,୭।୯(ସତ୍ୟରଞ୍ଜନ ଦାସମହାପାତ୍ର)

ଦୁର୍ବ୍ୟବହାର ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳର କେଦାରନାଥ ବେହେରା ଓ ୪୨ ମୌଜା ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ। କେଦାର ୧୦ ବର୍ଷ ତଳେ ଖାନ୍‌ନଗର ଅଞ୍ଚଳର ରଞ୍ଜିତା ଗୁରୁଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ ବହୁ ସମୟରେ ଝଗଡା ହେଉଥିଲା। ରଞ୍ଜିତା ଗତ ଅଗଷ୍ଟ ୧୪ରେ କେଉଁଆଡ଼େ ଚାଲି ଯାଇଥିଲେ। କେଦାର ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଇତିମଧ୍ୟରେ କେଦାର ବାଲିକୁଦାରେ ଥିବା ଏସ୍‌ବିଏମ୍ ନାମକ ଘରୋଇ ଡାକ୍ତରଖାନାରେ ରଞ୍ଜିତାଙ୍କ ପରିବାର ଲୋକଙ୍କୁ ଅନେକ ଥର ଦେଖି ମନରେ ସନ୍ଦେହ ହୋଇଥିଲା। ରଞ୍ଜିତାଙ୍କୁ ତାଙ୍କର ଘର ଲୋକ ସେଠାରେ ଚିକିତ୍ସା କରୁଛନ୍ତି ବୋଲି କେଦାର ଭାବିଥିଲେ। ଏନେଇ କେଦାର ଓ ତାଙ୍କ ସାଙ୍ଗ ବିଶ୍ୱଜିତ୍ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ଚିକିତ୍ସାଧୀନ ଥିବା ରୋଗୀଙ୍କ ପଞ୍ଜୀକୃତ ଖାତା ଦେଖିବା ପାଇଁ କହିଥିଲେ। ଏଥିରେ କର୍ତ୍ତୃପକ୍ଷ ଅରାଜି ହେବାରୁ ସେମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଡାକ୍ତରଖାନା ପରିଚାଳନା ନିର୍ଦ୍ଦେଶକ ହରେକୃଷ୍ଣ ଦାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୧୨/୨୩) ରୁଜୁ କରିଥିଲା।

# ପୂଜା ପୂର୍ବରୁ ରାସ୍ତା ମରାମତି ସରିବ

କଟକ,୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ସିଏମ୍‌ସି ୱାର୍କସ୍ ସ୍ଥାୟୀ କମିଟି ବୈଠକ**




ଆସନ୍ତା ଦଶହରା ପୂର୍ବରୁ ସହରର ସମସ୍ତ ରାସ୍ତାଘାଟ ଓ ନାଳ ମରାମତି ଶେଷ ହେବ। ସେହିପରି ମୁକୁଳା ନାଳରେ ସ୍ଲାବ୍ ପକାଯିବ। ପୂଜା କମିଟି ତଥା ସାହି ମୁରବିମାନେ ଏ ସମ୍ପର୍କରେ ଜଣାଇଲେ ତୁରନ୍ତ ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ଗୁରୁବାର କଟକ ବିଜୁଭବନରେ ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି) ୱାର୍କସ୍ ସ୍ଥାୟୀ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତି ୱାର୍ଡରେ ସର୍ବନିମ୍ନ ମରାମତି କାର୍ଯ୍ୟ ନିମନ୍ତେ ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି। କର୍ପୋରେଟରମାନେ ସେମାନଙ୍କ ୱାର୍ଡରେ ଥିବା ବିପର୍ଯ୍ୟସ୍ତ ରାସ୍ତାଘାଟର ତାଲିକା ପ୍ରଦାନ କରିବେ। ପୂଜା ପୂର୍ବରୁ ମୁକୁଳା ନାଳରେ ସ୍ଲାବ୍ ପକାଯିବା ପାଇଁ ସଦସ୍ୟମାନେ ଦାବି କରିଥିଲେ। ୱାର୍କସ୍ କମିଟି ପ୍ରସ୍ତାବକୁ କାଉନ୍‌ସିଲରେ ତୁରନ୍ତ ଉପସ୍ଥାପନ କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ସହରର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଜାଇକା, ୱାଟ୍‌କୋଠାରୁ ଆରମ୍ଭ କରି ବିଭିନ୍ନ କେବୁଲ ସଂସ୍ଥା ରାସ୍ତା ଖୋଳି ଦୀର୍ଘଦିନ ଧରି ମରାମତି କରୁନାହାନ୍ତି। ଫଳରେ ଦଶହରା ସମୟରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ପୂଜା ପୂର୍ବରୁ ରାସ୍ତା ମରାମତି ଶେଷ ପାଇଁ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ସ୍ମାର୍ଟ ଫୁଟ୍‌ପାଥ, ମିଶନ ଶକ୍ତି ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟ, ବିକାଶ ରଞ୍ଜନ ବେହେରା, ସନ୍ତୋଷ କୁମାର ଭୋଳ, ଚନ୍ଦନ କୁମାର ଜେନା, କେ.ଜେଡ୍ ଆଫ୍ରିନ୍‌ଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ନନ୍ଦ ଉତ୍ସବ ଅବସରରେ ଖାନ୍‌ନଗର ପୂଜା କମିଟି ପକ୍ଷରୁ କାଠଯୋଡି ନଦୀରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ।




ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ ଗୁରୁବାର ସିଡିଏରେ କଟକ ମହାନଗର ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

**ଶ୍ରଦ୍ଧାଳୁଙ୍କଠାରୁ ସୁନାଚେନ ଚୋରି କରି ୩ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଇସ୍କନ ମନ୍ଦିରରେ ପ୍ରାର୍ଥନା କରୁଥିବା ସମୟରେ ଜଣେ ମହିଳା ଶ୍ରଦ୍ଧାଳୁଙ୍କ ବେକରୁ ସୁନାଚେନ ଲୁଟି ନେଇ ଫେରାର ହେଉଥିବା ବେଳେ ଅନ୍ୟ ଶ୍ରଦ୍ଧାଳୁ ଘେରି ଯାଇ ୩ ମହିଳାଙ୍କୁ ପୋଲିସ ଜିମା ଦେଇଛନ୍ତି । ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ମମତା ଦାସ, ପୂର୍ଣ୍ଣିମା ମଲ୍ଲ, ଶେଲ୍‌ଭି ରାଓ। ସମସ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ତାଙ୍କଠାରୁ ଦୁଇଟି ନିପର କଟର ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୯ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ତକିଆ ଦ୍ୱାରା ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କନ୍ଧମାଳର ବିନୋଦ ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ପୂର୍ବରୁ ଦୁଇଟି ଥାନାରେ ୨ ମାମଲା ରହିଛି।

### ନିମ୍ବଚାରା ରୋପଣ

ବାଲିଅନ୍ତା,୭।୯(ନୀଳମାଧବ ସାହୁ)

ହଂସପାଳ- ବାଲିଅନ୍ତା ପୁରୀ ମୁଖ୍ୟ କେନାଲ ପାର୍ଶ୍ୱରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଅବସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ କିଛି ବରିଷ୍ଠ ନାଗରିକ ବ୍ୟାପକ ଗଛ ଲଗାଇବାକୁ ଆଗେଇ ଆସିଛନ୍ତି। ଶିବଶକ୍ତି ନଗର ୱେଲଫେୟାର ଆସୋସିଏଶନ୍ ସମ୍ପାଦକ ପ୍ରତାପ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶୁଭକାନ୍ତ ସାମଲ, ଅମର ମହଲ, ମହେନ୍ଦ୍ର ଓଝା ଓ ମନୋରଞ୍ଜନ ବିହାରୀ ପ୍ରମୁଖ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ନିମ୍ବଚାରା ରୋପଣ କରିଥିଲେ।

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଭୁବନେଶ୍ୱର,୭।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ନିମନ୍ତେ ପବିତ୍ର ଜନ୍ମାଷ୍ଟମୀ ତିଥିରେ ବୁଧବାର ସ୍ଥାନୀୟ କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। ଦୁର୍ଗାପୂଜା ମଣ୍ଡପ ପରିସର ପୀଠରେ ପୂଜା ପାଉଥିବା ମା’ ଅଷ୍ଟଭୁଜା ଦେବୀଙ୍କ ନିକଟରେ ପୂଜକମାନେ ପୂଜାର୍ଚ୍ଚନା ସାରିବା ପରେ କର୍ତ୍ତାଙ୍କ ସହିତ ଆସୋସିଏଶନର କର୍ମକର୍ତ୍ତା ବୃନ୍ଦ ଶଙ୍ଖ, ଘଣ୍ଟ ଓ ବାଜା ବଜାଇ କୁଆଖାଇ ନଦୀପଠାରେ ପହଞ୍ଚିଥିଲେ। ସେଠାରେ ପୂଜା କରାଯାଇ ମା’ଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରମେଶ ଚନ୍ଦ୍ର ବାରିକ କାର୍ଯ୍ୟ ପରିଚାଳନା କରିଥିଲେ। ଆସୋସିଏଶନର ସଭାପତି ଦାମୋଦର ପ୍ରଧାନ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଯୁଗ୍ମ ସମ୍ପାଦକ ଅଭୟ କୁମାର ନାୟକ, କୋଷାଧ୍ୟକ୍ଷ ଅଚିନ୍ତ୍ୟ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ରବୀନ୍ଦ୍ର କୁମାର ପାଢ଼ୀ, ଗୋବର୍ଦ୍ଧନ ସାହୁ, ଶ୍ୟାମ ସୁନ୍ଦର ଦାଶ, କୈଳାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ଭୂୟାଁ, ଚନ୍ଦ୍ରଶେଖର ପାତ୍ର, ମନୋଜ କୁମାର ପାତ୍ର, ଶରତ କୁମାର ନାୟକ, ସୁବାସ ଚନ୍ଦ୍ର ମହାନ୍ତି, ମଦନ ମୋହନ ପଣ୍ଡା, ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ସବୁଠି ‘ଜୱାନ୍’ ଯୋଶ୍

- ମୁକ୍ତିଲାଭ କଲା ଶାହାରୁଖ୍‌ଙ୍କ ଫିଲ୍ମ
- ପ୍ରଥମ ଦିନରେ ୫୦ କୋଟିରୁ ଅଧିକ ଆୟ ଆଶା

ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ମୁକ୍ତିଲାଭ କରିଛି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ‘ଜୱାନ୍’। ଶାହାରୁଖ୍ ଖାନ୍‌ଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ଦେଖିବାକୁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପ୍ରେକ୍ଷାଳୟରେ ସକାଳ ୬ଟାରୁ ଲାଗିଛି ଭିଡ଼। ହାଉସ୍‌ଫୁଲ୍ ଦର୍ଶକଙ୍କ ସାଙ୍ଗକୁ ତାଳି, ସିଟି, ଡ୍ୟାନ୍ସରେ କମ୍ପିଉଠିଛି ପ୍ରେକ୍ଷାଳୟ। ଅତି ଜୋସ୍‌ର ସହ ଜୱାନ୍‌କୁ ସ୍ୱାଗତ କରିଛନ୍ତି ଶାହାରୁଖ୍ ଖାନ୍‌ଙ୍କ ଫ୍ୟାନ୍ସ। ଏକସଙ୍ଗେ ହିନ୍ଦୀ, ତାମିଲ୍ ଓ ତେଲୁଗୁ ଭାଷାରେ ଏହି ଫିଲ୍ମ ରିଲିଜ ହୋଇଛି। ସାରା ଦେଶରେ ମଲ୍‌ଟିପ୍ଲେକ୍ସ ଓ ସିଙ୍ଗଲ ସ୍କ୍ରିନ୍‌କୁ ମିଶାଇ ପ୍ରାୟ ୫ହଜାରରୁ ଅଧିକ ହଲ୍‌ରେ ଫିଲ୍ମଟି ରିଲିଜ ହୋଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଅଟ୍‌ଲି ଦେଇଥିବା ବେଳେ ଅନିରୁଦ୍ଧ ରଭିଚନ୍ଦର ଏହାର ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି। ଚଳଚ୍ଚିତ୍ରଟିରେ ସାଉଥ୍ ଓ ବଲିଉଡର ରିମିକ୍ସ ଦେଖିବାକୁ ମିଳିଛି। ଶାହାରୁଖ୍ ମୁଖ୍ୟ ଭୂମିକାରେ ଥିବା ବେଳେ ଭିଲିଆନ୍ ଚରିତ୍ରରେ ସାଉଥ୍ ଷ୍ଟାର ବିଜୟ ସେଥୁପଥି ଓ ଅଭିନେତ୍ରୀ ନୟନତାରାଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିଛି। ନୟନତାରାଙ୍କ ସହ ପ୍ରଥମଥର ପାଇଁ ଅନସ୍କ୍ରିନ୍‌ରେ ରୋମାନ୍ସ କରିଛନ୍ତି କିଙ୍ଗ୍ ଖାନ୍। ସେହିପରି ଅଭିନେତ୍ରୀ ଦୀପିକା ପାଦୁକୋନ୍ ମଧ୍ୟ ଏକ ଦମ୍‌ଦାର୍ ଚରିତ୍ରରେ ଫିଲ୍ମରେ ଅଭିନୟ କରିଛନ୍ତି। ପ୍ରଥମ ଦିନରେ ଅଗ୍ରିମ ବୁକିଂ ୧୦ଲକ୍ଷରୁ ଅଧିକ ଟପିଛି। ଏପରିକି ଅଗ୍ରିମ ବୁକିଂ ପାଇଁ ଏବେ ଟିକେଟ୍ ଶୋ’ କରୁନି। ଚଳଚ୍ଚିତ୍ରଟି ୩୦୦ କୋଟି ବଜେଟରେ ପ୍ରସ୍ତୁତ ହୋଇଥିବାବେଳେ ପ୍ରଥମ ଦିନରେ ୫୦କୋଟିରୁ ଅଧିକ ଆୟ ହେବ ବୋଲି ଆଶା କରାଯାଉଛି। ସୋସିଆଲ ମିଡିଆରେ ମଧ୍ୟ ଜୱାନ୍‌କୁ ନେଇ କ୍ରେଜ ବଢ଼ିବାରେ ଲାଗିଛି। ଯୁବପିଢ଼ି ଆଜି ଜୱାନ୍ ଡେ ଲେଖି ସୋସିଆଲ ମିଡିଆରେ ରିଲ୍ସ ଓ ଫଟୋ ପୋଷ୍ଟ କରିଛନ୍ତି।

### ଏମାନେ ଯାହା କହନ୍ତି...



“ମାସ୍ ଏଣ୍ଟରଟେନିଙ୍ଗ ଫିଲ୍ମ। ଅଟ୍‌ଲି ତାଙ୍କ ଷ୍ଟାଇଲରେ ହିଁ ଚଳଚ୍ଚିତ୍ର ବନେଇଛନ୍ତି, ବକ୍ସ ଅଫିସ୍‌ରେ ବୋବାଲ କରିବ। ଶାହାରୁଖ୍‌ଙ୍କ ଚଳଚ୍ଚିତ୍ର ପଠାନଠାରୁ ଜୱାନ୍ ବହୁତ ଭଲ ହୋଇଛି। ସମସ୍ତଙ୍କ ଆକ୍ସନ, ଅଭିନୟ ସୁନ୍ଦର। ଅଭିନେତ୍ରୀ ନୟନତାରାଙ୍କ ଫାଇଟ୍ ସିନ୍ ଜବରଦସ୍ତ ହୋଇଛି। କାହାଣୀଟି କିନ୍ତୁ ବହୁତ ଶୀଘ୍ର ଶୀଘ୍ର ହେଲା ଭଳି ଲାଗିଲା। ଗୋଟିଏ ସିନ୍ ନ ସରୁଣୁ ଆଉ ଗୋଟେ ଆସିଯାଉଥିଲା। ପ୍ରାୟ ସିନ୍ ଦେଖି ଲାଗୁଥିଲା ଏଟା ଆଉ କେଉଁଠୁ ନା କେଉଁଠୁ ଆସିଛି। ବିଜିଏମ୍, ମ୍ୟୁଜିକ୍ ସହ ଫିଲ୍ମର ଏକ୍ସିକ୍ୟୁସନ୍ ବହୁତ ଭଲ ରହିଛି। ହଲ୍‌ରେ ପ୍ରତି ସିନ୍‌ରେ ଦର୍ଶକ ତାଳି ମାରୁଥିଲେ।

**- ସୁକୁମାର ସାହୁ, ଦର୍ଶକ**



“ଶାହାରୁଖ୍‌ଙ୍କ କିଛି ବି ଫିଲ୍ମ ଆସିଲେ ଆମେ ସବୁ ମିଶି ସେଲିବ୍ରେସନ୍ କରୁ। ତାଙ୍କର ଗୋଟିଏ ପରେ ଗୋଟିଏ ଫିଲ୍ମ ପୂର୍ବ ରେକର୍ଡ ଭାଙ୍ଗିଛି। ଫିଲ୍ମ ଆସିବା ଆଗରୁ ହିଁ ଜାଣିଥିଲି ଏହା ସବୁ ରେକର୍ଡ ଭାଙ୍ଗିବ। ଆମ କ୍ଲବର ସମସ୍ତେ ଶାହାରୁଖ୍‌ଙ୍କ ଫିଲ୍ମକୁ ଅପେକ୍ଷା କରିଥାଉ। ଜୱାନ୍ ନିଶ୍ଚିତ ବକ୍ସ ଅଫିସ୍‌ରେ ସବୁ ରେକର୍ଡ ଭାଙ୍ଗିବ। କେବଳ ଏହି ସପ୍ତାହ ନୁହେଁ, ଆସନ୍ତା ସପ୍ତାହରେ ମଧ୍ୟ ଏଭଳି ଭିଡ଼ ରହିବ।

**- ଶିବାନୀ ଦାସ, ଦର୍ଶକ**



“ଶାହାରୁଖଙ୍କ ଏହି ଫିଲ୍ମ ଭଲ ବିଜ୍‌ନେସ୍ କରିବ। ଫିଲ୍ମକୁ ସମସ୍ତେ ଥରେ ଯାଇ ଦେଖିବା ଉଚିତ୍। ଫିଲ୍ମଟି ଖୁବ୍ ମନୋରଞ୍ଜନଧର୍ମୀ। ମୁଁ ଏହାକୁ ୫ରୁ ୪.୫ ପଏଣ୍ଟ ଦେବି। ବଲିଉଡରେ ଏବେ ନୂଆ ରଜନୀକାନ୍ତଙ୍କୁ ଦେଖିବାକୁ ମିଳିଲା। ରଜନୀକାନ୍ତଙ୍କ ଉପସ୍ଥିତିକୁ ପୁରା ଅନୁଭବ କରାଇଛନ୍ତି ଶାହାରୁଖ ଖାନ୍। ଏଭଳି ଏକ ଚଳଚ୍ଚିତ୍ର ଭେଟି ଦେଇଥିବାରୁ ନିର୍ଦ୍ଦେଶକ ଓ ତାଙ୍କ ପୂରା ଟିମ୍‌କୁ ଧନ୍ୟବାଦ।

**- ଅକ୍ଷୟ କୁମାର ପରିଜା, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ।**

### ଫ୍ୟାନ୍ସ କ୍ଲବର ସେଲିବ୍ରେସନ୍

ଭୁବନେଶ୍ୱରରେ ଥିବା ଶାହାରୁଖ୍ ଖାନ୍‌ଙ୍କ ଫ୍ୟାନ୍ସ କ୍ଲବର ସଦସ୍ୟମାନେ ପ୍ରଥମ ଦିନଟିକୁ ଏକ ଉତ୍ସବ ପରି ମନାଇଛନ୍ତି। ଲମ୍ବା ଲାଇନ, ହାଉସ୍ ଫୁଲ୍ ଦର୍ଶକଙ୍କୁ ନେଇ ପ୍ରେକ୍ଷାଳୟରେ ଏକ ନିଆରା କ୍ରେଜ୍ ସୃଷ୍ଟି ହୋଇଥିଲା। ମୁହଁରେ ଶାହାରୁଖ୍‌ଙ୍କ ମାସ୍କ, ଦେହରେ ଜୱାନ୍‌ର ଟି-ଶାର୍ଟ ପିନ୍ଧି, କେକ୍ କାଟି ସେଲିବ୍ରେସନ କରିଛନ୍ତି କିଙ୍ଗ ଖାନ୍‌ଙ୍କ ଫ୍ୟାନ୍ସ। ସମସ୍ତେ ଡ୍ୟାନ୍ସ କରିବା ସହ ଏକଜୁଟ ହୋଇ ମଜାମସ୍ତି କରିଛନ୍ତି।




### ଜଳିଗଲା କପଡ଼ା ବୋଝେଇ ଗାଡ଼ି

ବାରଙ୍ଗ,୭।୯
(ଲିଙ୍ଗରାଜ ରାଉତ)



ଜଳିଯାଇଥିବା ଗାଡ଼ି।

ପୁରୀ ମୁଖ୍ୟ କେନାଲ ଦେଇ ଅନୁଗୋଳ ଯାଉଥିବା ଏକ କପଡ଼ା ବୋଝେଇ ଗାଡ଼ି ରାସ୍ତା ମଝିରେ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି। ଖବରପାଇ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗାଡିରେ ଥିବା ଦାମୀ କପଡ଼ା ଓ ଗାଡ଼ିଟି ପୋଡ଼ିଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଓଡି ୧୬ ଏକ୍ସ ୦୧୨୫ ନଂ. ବିଶିଷ୍ଟ ମିନି ଟ୍ରକଟି ଲକ୍ଷାଧିକ ଟଙ୍କାର ଦାମୀ ବ୍ରାଣ୍ଡର କପଡ଼ା ବୋଝେଇ କରି ଭୁବନେଶ୍ୱରରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ପାଖାପାଖି ରାତି ୨ଟା ସୁଦ୍ଧା ଗାଡ଼ିଟି ମୁଣ୍ଡଳୀ ପାଖ ପୁରୀ ମୁଖ୍ୟ କେନାଲ ରାସ୍ତା ଦେଇ ଯିବାବେଳେ ହଠାତ୍ ପଛପଟୁ ନିଆଁ ଲାଗିବା ଆରମ୍ଭ କରିଥିଲା। ନିଆଁ ବଢ଼ିବାରୁ ଚାଳକ ଜଣକ ଜାଣିପାରିବାରୁ ଗାଡ଼ି ଅଟକାଇଥିଲେ।

**୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି**

ନିଆଁ ଲିଭାଇବାକୁ ଚେଷ୍ଟା କରିବାରେ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଲେ। ଅନ୍ୟପଟେ ଚାଳକ କିଛି ଦୂରରେ ଥିବା ଏକ ମନ୍ଦିରକୁ ଯାଇ ସେଠାରେ ଶୋଇଥିବା ପିଲାଙ୍କୁ ସାହାଯ୍ୟ ମାଗିଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇବା ବେଳକୁ ଗାଡ଼ିଟି ପୋଡ଼ିଯାଇଥିଲା। ତେବେ ଶର୍ଟସର୍କିଟ ଯୋଗୁ ଗାଡ଼ିରେ ନିଆଁ ଲାଗି ଥିବା ଅଗ୍ନିଶମ ବାହିନୀ ସନ୍ଦେହ କରୁଥିବାବେଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କପଡ଼ା ପୋଡି ଯାଇଥିବା ଜଣାପଡ଼ିଛି।

### ଭୋଟ୍ ଆସିଲେ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବାଣ୍ଟିବା ନାଟକ ଆରମ୍ଭ କରେ ବିଜେଡି: ଭାଜପା

ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର)

ବିଜେଡି ସବୁବେଳେ ନିର୍ବାଚନ ଆଗରୁ ବସ୍ତି ବାସିନ୍ଦାଙ୍କ ଭୋଟ ନେବା ଲାଗି ପଟ୍ଟା ବଣ୍ଟିବା ନାଟକ କରିଥାଏ। ନିର୍ବାଚନ ଆସିଲେ ସେମାନଙ୍କର ବସ୍ତିବାସିନ୍ଦାଙ୍କ କଥା ମନେପଡେ। ୨୩ ବର୍ଷ ଧରି ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ସହିତ ପ୍ରତାରଣା, ଛଳନା କରିବା ସହ ତାଙ୍କ ଦଳର ପ୍ରଶାସନ, କୁଜି ନେତାମାନେ ବସ୍ତିବାସିନ୍ଦାଙ୍କ ଉପରେ ଜୁଲମ କରୁଛନ୍ତି। ଭୁବନେଶ୍ୱରରେ ବସ୍ତି ବାସିନ୍ଦାଙ୍କ ପାଇଁ ସରକାର ୩ ଥର ସର୍ଭେ କରି କାନ୍ଥରେ ଟିଣ ପ୍ଲେଟ ମାରି ଘର ଓ ପଟ୍ଟା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ସବୁ କେବଳ ଫଟୋ ଆଉ ଖବର କାଗଜରେ ସୀମିତ ରହିଛି ବୋଲି ଭାଜପା ଜିଲା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାବୁ କହିଛନ୍ତି ଯେ, ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଦେଇଥିବା ପଟ୍ଟାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଲଗାଇ ଦେଇଥିଲେ। ନବୀନ ବାବୁ ଯେଉଁ ପଟ୍ଟା ବାଣ୍ଟିଥିଲେ ତାହା ରଦି କାଗଜଠାରୁ ହୀନ ବୋଲି ବସ୍ତିବାସିନ୍ଦାଙ୍କ ଠାରୁ କିଛିଦିନ ପରେ ଜାଣିବାକୁ ପାଇଥିଲେ। ପୁଣି ଏବେ ଡ୍ରୋନ ସର୍ଭେ କରି ପ୍ରମାଣ ପତ୍ର ବାଣ୍ଟିଲେ ଏବଂ ଏହାକୁ ଠିକ୍ ପଟ୍ଟା ବୋଲି କହିଲେ। ତାହାଲେ ପୂର୍ବରୁ ହୋଇଥିବା ତିନୋଟି ସର୍ଭେ କ’ଣ ରାଜ୍ୟ ସରକାର ତା’ର ଉତ୍ତର ଦିଅନ୍ତୁ ବୋଲି ସେ କହିଛନ୍ତି।

# ୨ ବାଉନ୍ସର ଗିରଫ: ମୋବାଇଲ, ସ୍କର୍ପିଓ ଜବତ

**ବାର୍ ମ୍ୟାନେଜରଙ୍କୁ ଅପହରଣ କରି ଆକ୍ରମଣ ଘଟଣା**

ଭୁବନେଶ୍ୱର,୭।୯ (ସୂର୍ଯ୍ୟକାନ୍ତ ବେହେରା)






ମାସକୁ ୫୦ ହଜାର ଟଙ୍କା ବଟି ପାଇଁ ବାର୍ ମ୍ୟାନେଜରଙ୍କୁ ଅପହରଣ ଓ ମରଣାନ୍ତକ ଆକ୍ରମଣ ଘଟଣାର ମାସକ ପରେ ଗୁରୁବାର ଏୟାରଫିଲ୍ଡ ଥାନା ପୋଲିସ ୨ ବାଉନ୍ସରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଶିଷ ସାହୁ (୨୯) ଓ ଆଦିତ୍ୟ ବରାଳ (୨୪)। ଉଭୟଙ୍କଠାରୁ ଅପହରଣରେ ବ୍ୟବହୃତ ସ୍କର୍ପିଓ ଗାଡ଼ି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ନାମରେ ଢେଙ୍କାନାଳ ସମେତ ଭୁବନେଶ୍ୱରର ବିଭିନ୍ନ ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଅଭିଯୋଗକାରୀ ମୁଜିବୁର ରହମାନ କଟକ ରୋଡ଼ସ୍ଥିତ ମହାନ୍ତି ଡ୍ୟାନ୍ସ ବାର୍‌ରେ ମ୍ୟାନେଜର ଭାବରେ କାର୍ଯ୍ୟ କରିବା ସହ ସୁନ୍ଦରପଦାରେ ଘର ଭଡ଼ା ନେଇ ରହୁଥିଲେ। ଜୁଲାଇ ୨୮ ତାରିଖ ଅପରାହ୍ନରେ ଅଭିଯୁକ୍ତ ଆଶିଷ, ସୋଫି ଖାନ୍ ଏବଂ ଅମିତ ଏକ ସ୍କର୍ପିଓରେ ମ୍ୟାନେଜରଙ୍କ ଭଡ଼ାଘରକୁ ଆସି ଧମକଚମକ ଦେଇ ତାଙ୍କୁ ଅପହରଣ କରିନେଇଥିଲେ। ଏହାପରେ ସେମାନେ ତାଙ୍କୁ ଶିଶୁପାଳଗଡ଼ ନିକଟ ଏକ ସ୍ଥାନକୁ ନେଇ ଘର ଭିତରେ ବନ୍ଦ କରି ପ୍ରତି ମାସରେ ୫୦ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ନ ହେଲେ ବାର୍ ଛାଡିବାକୁ ଧମକ ଦେଇଥିଲେ। ମୁଜିବୁର୍ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମୁଜିବୁର୍ ଚେତାଶୂନ୍ୟ ହୋଇପଡ଼ିବାରୁ ମରିଯାଇଥିବା ଭାବି ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ପ୍ରଥମେ ପୁରୀ ଓ ପରେ ପଶ୍ଚିମବଙ୍ଗ ପଳାଇଯାଇଥିଲେ। ଚେତା ଆସିବା ପରେ ସେହି ଦିନ ରାତିରେ ସେ ଉକ୍ତ ଘରୁ ଖସି ଆସି ରାତି ପ୍ରାୟ ୧୧.୪୫ରେ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଥିଲା। ଗୁରୁବାର ଶିଶୁପାଳଗଡ଼କୁ ଅଭିଯୁକ୍ତମାନେ ଆସିଥିବା ଖବର ପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା।

### ଗୋମାଂସ ବୋଝେଇ କଣ୍ଟେନର ଜବତ, ୨ଗିରଫ

ଖୋର୍ଦ୍ଧା,୭।୯(ପ୍ରଭାତ ପାଣିଗ୍ରାହୀ)

୧୬ନଂ. ଜାତୀୟ ରାଜପଥର ବାଟମଙ୍ଗଳା ମନ୍ଦିର ନିକଟରୁ ଖୋର୍ଦ୍ଧା ଟାଉନ ପୋଲିସ ଗୋମାଂସ ବୋଝେଇ କଣ୍ଟେନର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲୋରର ସେକ୍ ରବନ (୪୨) ଓ ଏସ୍. ମାଲାଦାରି (୩୨)। ଏନେଇ ଥାନାରେ ଏକ ମାମଲା (ନଂ.୫୬୪/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଅଭିମୁଖେ ଏକ ଗୋ ମାଂସ ବୋଝେଇ କଣ୍ଟେନର ଆସୁଥିବା ସଦର ଥାନା ପୋଲିସ ଖବର ପାଇଥିଲା। ଏକ ଟିମ୍ ୧୬ନଂ. ଜାତୀୟ ରାଜପଥର ବାଟମଙ୍ଗଳା ମନ୍ଦିର ନିକଟରେ ଜଗି ରହିଥିବାବେଳେ ଏହି ସମୟରେ କଣ୍ଟେନରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଗୋମାଂସ ଥିବା ଜାଣିବା ପରେ ପୋଲିସ ଏହାକୁ ଜବତ କରିଥିଲା।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE (Addendum)**

**No.1538/ CM Dated 05.09.2023**

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

**Sd./- Principal, Chikiti Mahavidyalaya, Chikiti, Ganjam**

# ଆଜିଠୁ ବିଦ୍ୟାଳୟସ୍ତରରେ ସଚେତନତା

**‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ର ଜିଲାସ୍ତରୀୟ କମିଟି ବୈଠକ ଶେଷ**

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଗତ ଅଗଷ୍ଟ ୩୧ ତାରିଖଠାରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାରେ ଚାଲିଥିବା ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ର ଜିଲାସ୍ତରୀୟ କମିଟି ବୈଠକ ଗୁରୁବାର ଶେଷ ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ଜିଲା ଜନମଙ୍ଗଳ ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ‘ମୋ ସ୍କୁଲ’ର ପ୍ରତିନିଧି ଉପସ୍ଥିତ ଥିଲେ। ‘ମୋ ସ୍କୁଲ’ର ପ୍ରତିନିଧି ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ଅଧୀନରେ ଥିବା ବିଭିନ୍ନ ପ୍ରକାର ପୁରସ୍କାର ଓ ଏହାର ମନୋନୟନ ପ୍ରକ୍ରିୟା ନେଇ ଆଲୋଚନା ହୋଇଥିଲା। ୩୧ ତାରିଖରେ ସୁନ୍ଦରଗଡ଼, କନ୍ଧମାଳ, ଢେଙ୍କାନାଳ, କେନ୍ଦ୍ରାପଡ଼ାରେ ଜିଲାସ୍ତରୀୟ କମିଟି ବୈଠକ ବସିଥିଲା। ସେହିପରି ସେପ୍ଟେମ୍ବର ୧ରେ କେନ୍ଦୁଝର, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ୨ରେ ମୟୂରଭଞ୍ଜ, ବୌଦ୍ଧ, ସୁବର୍ଣ୍ଣପୁର, ଦେବଗଡ଼, ନୟାଗଡ଼, ବରଗଡ଼, ସମ୍ବଲପୁର, ମାଲକାନଗିରି, ପୁରୀ, ବାଲେଶ୍ୱର, ଯାଜପୁର, ୪ରେ ଭଦ୍ରକ, ନବରଙ୍ଗପୁର, ଝାରସୁଗୁଡ଼ା, ଗଜପତି, କଳାହାଣ୍ଡି, ୫ରେ ବଲାଙ୍ଗୀର, ଗଞ୍ଜାମ, କୋରାପୁଟ, ୭ରେ ରାୟଗଡ଼ା, ନୂଆପଡ଼ା ଓ ଖୋର୍ଦ୍ଧା ଜିଲାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସାରା ରାଜ୍ୟରେ ବିଦ୍ୟାଳୟସ୍ତରରେ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେବ। ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ର କମିଟିର ସଦସ୍ୟ, ଅଭିଭାବକ, ଗ୍ରାମପଞ୍ଚାୟତର ପ୍ରତିନିଧି ଯୋଗଦେବେ। ଏହି ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା, ଏହାର ଯୋଗ୍ୟତା, ମାନଦଣ୍ଡ ଏବଂ ଚୟନ ପ୍ରକ୍ରିୟା ଉପରେ ସଚେତନ କରାଇବେ। ଅନ୍ୟପକ୍ଷରେ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ବିଦ୍ୟାଳୟ ପୁରସ୍କାର, ପ୍ରଧାନଶିକ୍ଷକ ପୁରସ୍କାର, ଶିକ୍ଷକ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର ଏବଂ ପୁରାତନ ଛାତ୍ର କମିଟି ପୁରସ୍କାର ଉପରେ ସଚେତନ କରାଇବେ। ପ୍ରତ୍ୟେକ ବିଦ୍ୟାଳୟରୁ ଦଶମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦିଆଯିବ। ସମୁଦାୟ ୮୩୧୧ ଛାତ୍ର ଓ ୮୮୦୭ ଛାତ୍ରୀ ଏହି ପୁରସ୍କାର ପାଇବେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା’ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(₹):** 48,85,826.25, **EMD(₹):** 97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥାଏ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍

PR-554/O/23-24

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ କଟକ ସଦର ଥାନା ଅଧୀନ ଗଙ୍ଗେଶ୍ୱର ମୌଜାର ନାମକାରୀ ସଂଶୋଧିତ ମତେ ସାବକ ଖାତା ନଂ.-401, ସବ୍ ପ୍ଲଟ ନଂ-51, କିସମ-ଘରବାଡ଼ି, ସ୍ଥିତିବାନ ହାଲ୍ ଖାତା ନଂ.-401/2, ବିକ୍ରି କବଲା ନଂ-11831500727, ତା.09.07.2015, ମୌଜା-ଗଙ୍ଗେଶ୍ୱର, ତହସିଲ/ଏସ୍‌ଆର୍‌ଓ-ବାରଙ୍ଗ ଅନ୍ତର୍ଭୁକ୍ତ ସମ୍ପତ୍ତିକୁ ମୁଁ ନିମ୍ନ ସ୍ୱାକ୍ଷରକାରୀ ତା.09.07.2015, କବଲା ନଂ.-11831500727 ରେଜେଷ୍ଟ୍ରି କବଲା ମୂଳେ ଖରିଦକରି ନିଜ ନାମେ ନାମଜାରି ହାଲ୍ ଖାତା ନଂ.-401/94, ପ୍ଲଟ୍ ନଂ.-280/2011, ମୌଜା-ଗଙ୍ଗେଶ୍ୱର, ତହସିଲ/ଏସ୍‌ଆର୍‌ଓ-ବାରଙ୍ଗ, କଟକ ନାମଜାରି କରି ଷୋଳପଣ ସ୍ୱତ୍ୱବାନ, ଦଖଲକାର ଥିଲି ଓ ଅଛି । ମାତ୍ର ମୁଁ ନୋଟିସଦାତା ଶ୍ରୀ ଅରୁଣ କୁମାର ବିଶ୍ୱାଳ ମୋର ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ରେସିଡେନ୍ସି ବାସଗୃହ ମୁକାମାରୁ ସୁନ୍ଦରପଦା ବଜାରକୁ ଯିବା ସମୟରେ ମୋର ଏକ ବ୍ୟାଗ୍ ସହିତ ଉପରୋକ୍ତ ଅସଲି ରେଜେଷ୍ଟ୍ରି କବଲା ତତ୍‌ସଂଲଗ୍ନ ସମସ୍ତ କାଗଜପତ୍ର ଓ ଉକ୍ତ ରେଜେଷ୍ଟ୍ରି ଅସଲି କବଲା କେଉଁଠାରେ ହଜିଯାଇଛି । ନିଜସ୍ୱ ଅନେକ ଚେଷ୍ଟାପରେ ଅଦ୍ୟାବଧି ତାହା ମିଳିପାରିନାହିଁ । ଉପରୋକ୍ତ ବିଷୟରେ ମୁଁ ଏୟାରଫିଲ୍ଡ ଥାନାରେ ତା.23.08.2023 ରିଖରେ ଜଣାଇବା ପରେ ତାହା ତା.29.08.2023 ରିଖରେ ଜିଡି ନଂ- 009/2023ରେ ପଞ୍ଜୀକୃତ ହୋଇ ଦରଜ ହୋଇଅଛି । ଏତଦ୍‌ଭିନ୍ନ ମୁଁ ନୋଟିସକାରୀ ତା.25.08.2023 ରିଖରେ ଉପରୋକ୍ତ ଦଲିଲର ଜାବିଦା ନକଲକପି ଅନ୍‌ଲାଇନ୍ ଦ୍ୱାରା ପ୍ରାପ୍ତ ହୋଇ ତାହାକୁ ଅସଲ ଦଲିଲ ହିସାବରେ ବ୍ୟବହାର କରୁଅଛି । ଅଧୁନା ଉପରୋକ୍ତ ସମ୍ପତ୍ତିକୁ ମୁଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାସନଗର, ଯାଜପୁର ଶାଖାରେ ବନ୍ଧକ ଦେଇ ଏଆର୍‌ଏମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା.ଲିଃ. ନାମରେ ଋଣ ନେବାପାଇଁ ମନସ୍ଥ କରିଅଛି । ଏବଂ ଏତଦ୍‌ଭିନ୍ନ ମୁଁ କୌଣସି ବ୍ୟାଙ୍କ କିମ୍ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଉକ୍ତ ଅସଲି ଦଲିଲକୁ ଜମାଦେଇ ଉକ୍ତ ଖାତାଭୁକ୍ତ ସମ୍ପତ୍ତିକୁ ବନ୍ଧକ ଦେଇନାହିଁ । ଯଦି କୌଣସି ବ୍ୟକ୍ତି, ବ୍ୟାଙ୍କ୍ ବା ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର କୌଣସି ଆପତ୍ତି/ସୂଚନା ଥାଏ, ତେବେ ଉପରୋକ୍ତ ବ୍ୟାଙ୍କ୍ କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

ନୋଟିସଦାତାଙ୍କ ସ୍ୱାକ୍ଷର ଏବଂ ଠିକଣା:
ଶ୍ରୀ ଅରୁଣ କୁମାର ବିଶ୍ୱାଳ
ଲିଙ୍ଗରାଜ ରେସିଡେନ୍ସି, ଫ୍ଲାଟ୍ ନଂ-ସି-୧୦୧,
ଭୀମେଶ୍ୱର ମାର୍ଗ, ଲେନ୍ ନଂ-୧୯, ଭୀମଟାଙ୍ଗି, ଭୁବନେଶ୍ୱର-୨

### ମାଗଣା ଯାତ୍ରାର ମଜା ନେଲେ ସହରବାସୀ



ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ଗୁରୁବାର ‘ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ’ ଥିବାରୁ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଅଭିନବ ଭାବେ ସଚେତନ କରାଯାଇଥିଲା। କ୍ରୁଟ୍ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ଯାତ୍ରୀମାନଙ୍କୁ ଗୋଟିଏ ଦିନ ପାଇଁ ସମ୍ପୂର୍ଣ୍ଣ ମାଗଣା ଯାତ୍ରାର ଅଫର ଦିଆଯାଇଥିଲା। ବିନା ମୂଲ୍ୟରେ ସେମାନେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଏନେଇ କ୍ରୁଟ୍ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯିବା ପରେ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମାଗଣାରେ ଯାତ୍ରା କରିବା ପାଇଁ ପ୍ରବଳ ଭିଡ଼ ମଧ୍ୟ ହୋଇଥିଲା। ଭୁବନେଶ୍ୱରର ୧୦ଟି ରୁଟ୍‌ରେ ୫୦ଟି ଇ-ବସ୍ ଓ ୫୦ ଟି ଇ-ରିକ୍ସା ଚାଲୁଛି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବା ସହ ରାଜଧାନୀରେ ପ୍ରଦୂଷଣ କମାଇବାକୁ ଯୋଜନା କରାଯାଉଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking

**ଆସେଟ୍ ରିକଭରି ଶାଖା, ଡି-୨୬/୨୮, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର ସର୍କଲ, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - ubin0554723@unionbankofindia.bank**

**ବିକ୍ରୟ ନୋଟିସ**
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ‘‘ଯେପରି ଅଛି ଯେଉଁଠି ଅଛି’’, ‘‘ଯେପରି ଅଛି ଯାହା ଅଛି’’ ଏବଂ ‘‘ସେଠାରେ ଯାହା ବି ଅଛି’’ ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ, ଆଇପି ଏକ୍ସଟେନ୍‌ସନ, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର ଜିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ-ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱା- ଶ୍ରୀ ଶୁଭାଂଶୁ ଶେଖର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱା- ଶ୍ରୀ ଦୀପକ ଭରଦ୍ୱାଜ, ବି-୨/୭୩୧, ଏକତା ଗାର୍ଡେନ, ଆଇପି ଏକ୍ସଟେନ୍‌ସନ, ନୂଆଦିଲ୍ଲୀ-୯୨ । ୩. ଶ୍ରୀ ଶୁଭାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ । ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ, ବାସିନ୍ଦା- ସି-୬, ସେକ୍ଟର-୨୭, ନଏଡା-୨୦୧୩୦୧। | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ₹୩,୮୫,୩୫,୦୦୦/- / ₹୩୮,୬୦,୦୦୦/- / ₹୫୦,୦୦୦/- | ୨୬।୦୯।୨୦୨୩ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୬ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
- ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୁଖ୍ୟ ପ୍ରବନ୍ଧକ, ମୋବାଇଲ ନଂ. ୮୯୫୦୮୬୦୯୨୨

ତାରିଖ: ୦୭।୦୯।୨୦୨୩, ସ୍ଥାନ: ନୂଆଦିଲ୍ଲୀ

ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଗ୍ରାହକ ସେବାକେନ୍ଦ୍ର ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

କଣାସ,୭।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୧୧ଟି ପଞ୍ଚାୟତରେ ଦୀର୍ଘ ୧୦ବର୍ଷ ହେଲା ଖୋଲାଯାଇଥିବା ଗ୍ରାହକ ସେବାକେନ୍ଦ୍ରର ପରିଚାଳକମାନେ ଗୁରୁବାର କଣାସ ବିଡିଓ ପବିତ୍ର ବେହେରାଙ୍କୁ ଭେଟି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସେବା ଦେବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧୦ରୁ ୧୨ବର୍ଷ ହେଲା ସେମାନେ କଣାସ, ବକ୍ସୁ, ଗଡ଼ଖାରଦ, ଦିବ୍ୟସିଂହପୁର, ଗଡ଼ସାହି, ଅଡାଲ, ଯାମଳଗୋଦା, ସାହୁପଡ଼ା, ବିଜିପୁର, କାଦୁଆ ଗ୍ରାମପଞ୍ଚାୟତରେ ଗ୍ରାହକ ସେବାକେନ୍ଦ୍ର ଖୋଲି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଧନଜନ ଯୋଜନା ଖାତା ପଞ୍ଜୀକରଣ କରିବା, କାଳିଆ ଯୋଜନା, ପିଏମ୍ କିଶାନ ଯୋଜନା ଟଙ୍କା ଉଠାଣ, ଭିନ୍ନକ୍ଷମ ଭତ୍ତା ଓ ମମତା ଯୋଜନା ଟଙ୍କା ଉଠାଣ, ନିତି ଦିନିଆ ଟଙ୍କା ଉଠାଣ/ଜମା, ଅଟଳ ପେନସନ୍ ଯୋଜନା ପଞ୍ଜୀକରଣ ଆଦି ସ୍ୱତନ୍ତ୍ର ସେବା ନିରନ୍ତର ନିଃଶୁଳ୍କ ସେବା ପ୍ରଦାନ କରି ବ୍ୟାଙ୍କଠାରୁ କମିଶନ୍ ପାଇ ପରିବାର ପ୍ରତିପୋଷଣ କରିଆସୁଛନ୍ତି। କିନ୍ତୁ ରାଜ୍ୟ ସରକାର ନୂତନ ଭାବେ ପ୍ରତି ପଞ୍ଚାୟତରେ ଗ୍ରାହକ ସେବା କେନ୍ଦ୍ର କରି ନୂତନ ନିଯୁକ୍ତି ଦେବାକୁ ଚିନ୍ତା କରୁଛନ୍ତି। ସେଥିପାଇଁ ପ୍ରଥମେ ୧୦ରୁ ୧୨ବର୍ଷ ହେଲା ଉକ୍ତ ପଞ୍ଚାୟତରେ ଖୋଲାଯାଇଥିବା ଗ୍ରାହକ ସେବାକେନ୍ଦ୍ରକୁ ଅଗ୍ରାଧିକାର ଦେବାକୁ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ବିଡିଓ ଉକ୍ତ କାର୍ଯ୍ୟ ତାଙ୍କ ପରିସରରେ ନ ଥିବାରୁ ସେ ପୁରୀ ଜିଲା ଲେଡିବ୍ୟାଙ୍କ ମ୍ୟାନେଜରଙ୍କୁ ପଠାଇ ଦେଇଥିବା ଜଣାପଡିଛି। ପୁରୀ ଜିଲାପାଳ ଏବଂ କଣାସ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ମହମ୍ମଦ ଜାକିରିୟା ହେଲେ ଆତ୍ମା କମିଟି ଅଧ୍ୟକ୍ଷ

ସାକ୍ଷୀଗୋପାଳ,୭।୯

(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ଅଧ୍ୟକ୍ଷ ପଦ ସହ ଜିଲା ଆତ୍ମା କମିଟି ସଦସ୍ୟ ନିମନ୍ତେ ଚୟନ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିର ସମର୍ଥିତ ପ୍ରାର୍ଥୀ ମହମ୍ମଦ ଜାକିରିୟା ଆତ୍ମା ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଜିଲା କମିଟି ସଦସ୍ୟ ପାଇଁ ବସନ୍ତ ରାଉତରାୟ ଏବଂ ମମତା ପାଣି ମନୋନୀତ ହୋଇଛନ୍ତି। ଚୟନ ପ୍ରକ୍ରିୟା ସତ୍ୟବାଦୀ ବ୍ଲକର କୃଷି ସୂଚନା ପରାମର୍ଶକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା, ୩୧ ନଂ. ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ୩୨ ନଂ. ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ରତିକାନ୍ତ ମିଶ୍ରଙ୍କ ସହିତ ଉକ୍ତ କମିଟିରେ ୨୨ ଜଣ ସଦସ୍ୟ ଉପସ୍ଥିତ ଥିଲେ। କୃଷି ବିଭାଗ, ଉଦ୍ୟାନ ବିଭାଗ, ପଶୁ ଓ ପ୍ରାଣୀଧନ ବିଭାଗ ଆଦିରୁ ଅଧିକାରୀ ଚୟନ ପ୍ରକ୍ରିୟା ସମ୍ପାଦନ କରିଥିଲେ।

# ଆଜିଠୁ ବିଦ୍ୟାଳୟସ୍ତରରେ ସଚେତନତା

**'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର ଜିଲାସ୍ତରୀୟ କମିଟି ବୈଠକ ଶେଷ**

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଗତ ଅଗଷ୍ଟ ୩୧ ତାରିଖଠାରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାରେ ଚାଲିଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର ଜିଲାସ୍ତରୀୟ କମିଟି ବୈଠକ ଗୁରୁବାର ଶେଷ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ଜିଲା ଜନମଙ୍ଗଳ ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ 'ମୋ ସ୍କୁଲ'ର ପ୍ରତିନିଧି ଉପସ୍ଥିତ ଥିଲେ। 'ମୋ ସ୍କୁଲ'ର ପ୍ରତିନିଧି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଅଧୀନରେ ଥିବା ବିଭିନ୍ନ ପ୍ରକାର ପୁରସ୍କାର ଓ ଏହାର ମନୋନୟନ ପ୍ରକ୍ରିୟା ନେଇ ଆଲୋଚନା ହୋଇଥିଲା। ୩୧ ତାରିଖରେ ସୁନ୍ଦରଗଡ଼, କନ୍ଧମାଳ, ଢେଙ୍କାନାଳ, କେନ୍ଦ୍ରାପଡ଼ାରେ ଜିଲାସ୍ତରୀୟ କମିଟି ବୈଠକ ବସିଥିଲା। ସେହିପରି ସେପ୍ଟେମ୍ବର ୧ରେ କେନ୍ଦୁଝର, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ୨ରେ ମୟୂରଭଞ୍ଜ, ବୌଦ୍ଧ, ସୁବର୍ଣ୍ଣପୁର, ଦେବଗଡ଼, ନୟାଗଡ଼, ବରଗଡ଼, ସମ୍ବଲପୁର, ମାଲକାନଗିରି, ପୁରୀ, ବାଲେଶ୍ୱର, ଯାଜପୁର, ୪ରେ ଭଦ୍ରକ, ନବରଙ୍ଗପୁର, ଝାରସୁଗୁଡା, ଗଜପତି, କଳାହାଣ୍ଡି, ୫ରେ ବଲାଙ୍ଗୀର, ଗଞ୍ଜାମ, କୋରାପୁଟ, ୭ରେ ରାୟଗଡ଼ା, ନୂଆପଡ଼ା ଓ ଖୋର୍ଦ୍ଧା ଜିଲାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସାରା ରାଜ୍ୟରେ ବିଦ୍ୟାଳୟସ୍ତରରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେବ।

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ର କମିଟିର ସଦସ୍ୟ, ଅଭିଭାବକ, ଗ୍ରାମପଞ୍ଚାୟତର ପ୍ରତିନିଧି ଯୋଗଦେବେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ବିଦ୍ୟାଳୟ ପୁରସ୍କାର, ପ୍ରଧାନଶିକ୍ଷକ ପୁରସ୍କାର, ଶିକ୍ଷକ ପୁରସ୍କାର ଏବଂ ପୁରାତନ ଛାତ୍ର କମିଟି ପୁରସ୍କାର ଉପରେ ବିସ୍ତୃତ ସୂଚନା ଦେବେ। ଏହି ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା, ଏହାର ଯୋଗ୍ୟତା, ମାନଦଣ୍ଡ ଏବଂ ଚୟନ ପ୍ରକ୍ରିୟା ଉପରେ ସଚେତନ କରାଇବେ। ଅନ୍ୟପକ୍ଷରେ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ବିଦ୍ୟାଳୟ ପୁରସ୍କାର, ପ୍ରଧାନଶିକ୍ଷକ ପୁରସ୍କାର, ଶିକ୍ଷକ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର ଏବଂ ପୁରାତନ ଛାତ୍ର କମିଟି ପୁରସ୍କାର ଉପରେ ସଚେତନ କରାଇବେ। ପ୍ରତ୍ୟେକ ବିଦ୍ୟାଳୟରୁ ଦଶମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦିଆଯିବ । ସମୁଦାୟ ୮୩୧୧ ଛାତ୍ର ଓ ୮୮୦୭ ଛାତ୍ରୀ ଏହି ପୁରସ୍କାର ପାଇବେ।

# ଆକର୍ଷଣୀୟ ନୃତ୍ୟ, ସଙ୍ଗୀତରେ ନନ୍ଦୋତ୍ସବ ଉଦ୍‌ଯାପିତ



ସାକ୍ଷୀଗୋପାଳ,୭।୯(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଅନୁଷ୍ଠିତ ୩ ଦିନବ୍ୟାପୀ ଆଧାତ୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟା ଗୁରୁବାର ନନ୍ଦୋତ୍ସବ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପରିବେଷଣରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ର କାଳିଆ ଠାକୁରଙ୍କୁ ସ୍ମରଣ କରି ଗୀତଗୋବିନ୍ଦ ଶ୍ରୀତ କମଳାକୁଚ ମଣ୍ଡନ ହେ, ଦଶବତାର କୃଷ୍ଣାୟ ତଭ୍ୟମ୍ ନମଃ ଓ ମା' କାଳୀ ବନ୍ଦନା ନୃତ୍ୟ ସଙ୍ଗୀତର ତାଳେ ତାଳେ ମନଛୁଆଁ ନୃତ୍ୟ ପରିଷେଣ କରିଥିଲେ। ସଙ୍ଗୀତ ଗୁରୁ ଅଚ୍ୟୁତ ମହାରଣା ଗୀତଗୋବିନ୍ଦ ଆରମ୍ଭ କରି ମାଝିରେ, ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସଙ୍ଗୀତ ଗୁରୁ ଅଶୋକ ସାହୁଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ର ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବସନ୍ତ ସ୍ୱାଇଁ, ଖବରଦାତା ତଥା ସେବାୟତ କିଶୋର ଚନ୍ଦ୍ର ମହାପାତ୍ର, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ବଦ୍ରି ନାରାୟଣ ଖୁଣ୍ଟିଆ, ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଓ ସଙ୍ଗୀତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଡକାଞ୍ଚିଆ ଗ୍ରାମରୁ ନନ୍ଦ, ଯଶୋଦା, କୃଷ୍ଣ, ବଳରାମ, ଗୋପାଳ ବେଶରେ କଳାକାର ବଜାର ପରିକ୍ରମା କରିଥିଲେ। ସେହିପରି ନବଜାତ ଶିଶୁ କୃଷ୍ଣ କୁନି ଠାକୁର ମନ୍ଦିର ଜଗମୋହନରେ ଦୋଳିରେ ଝୁଲିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିବା ପ୍ରତ୍ୟେକ ଭକ୍ତ କୁନି ଠାକୁରଙ୍କ ଦୋଳି ଝୁଲାଇଥିଲେ। ଭାଗବତ ପାଠ, କୋରାଭୋଗ, ଆଳତି, ଉପଚାର ଅନୁଷ୍ଠିତ ହୋଇଥିଲା।

# ଜାପାନ ଆଇଟି କମ୍ପାନୀରେ ନିଯୁକ୍ତି ପାଇଲେ ୩ ଛାତ୍ର

ପୁରୀ ୭।୯( ଅଜିତ୍ ମହାନ୍ତି):

ଜାପାନର ଏକ ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ପୁରୀ ଚନ୍ଦ୍ରଶେଖର ଏକାଡେମୀର ୩ ଛାତ୍ର। ସେମାନେ ହେଲେ ପୁରୀର ବିଜୟ ବେହେରା, ସିଦ୍ଧାର୍ଥ ରାଉତ ଓ ବିଶ୍ୱଜିତ ମହାରଣା। ଏନେଇ ଏକାଡେମୀ ସମେତ ପୁରୀ ସହରରେ ଖୁସିର ଲହରି ଖେଳିଯାଇଛି। କୃତିତ୍ୱ ହାସଲ କରିଥିବା ଛାତ୍ରମାନେ ଭାରତ ସରକାରଙ୍କ ଅଧୀନ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜିର 'ଏ' ଲେଭେଲ ଓ ଜାପାନ ଭାଷାରେ ଚନ୍ଦ୍ରଶେଖର ଏକାଡେମୀରେ ଅଧ୍ୟୟନ କରିଥିଲେ। ଦୀର୍ଘ ୨ ବର୍ଷର ଅଧ୍ୟୟନ ପରେ ଆଇଟି 'ଏ' ଲେଭେଲ ଓ ଜାପାନ ଭାଷା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। କୃତକାର୍ଯ୍ୟ ପରେ ଛାତ୍ରମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀରେ ସିଷ୍ଟମ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବା ଲାଗି ଚୟନ ହୋଇଛନ୍ତି। ଛାତ୍ର ସିଦ୍ଧାର୍ଥ କହିଛନ୍ତି, ଜାପାନରେ ଚାକିରି କରିବା ଜୀବନର ସ୍ୱପ୍ନ ଥିଲା, ତାହା ଆଜି ପୂରଣ ହୋଇଛି। ସେହିପରି ବିଶ୍ୱଜିତ କହିଛନ୍ତି, ଜାପାନରେ ଚାକିରି ପାଇବି ବୋଲି କେବେ ଆଶା କରି ନ ଥିଲି। କିନ୍ତୁ ସେହି ଆଶା ଆଜି ଚନ୍ଦ୍ରଶେଖର ଏକାଡେମୀ ପୂରଣ କରିଛି। ସେହିପରି ବିଜୟ କୁହନ୍ତି, ବିଦେଶରେ ଏକ କମ୍ପାନୀରେ ନିଯୁକ୍ତି ପାଇବା ଜୀବନର ବଡ଼ ସଫଳତା। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମ୍ଭବ ହୋଇପାରିଛି। ଅନ୍ୟପକ୍ଷରେ ଏନେଇ ଏକାଡ଼େମୀର ଅଧ୍ୟକ୍ଷା ରଞ୍ଜିତା ଦାସ କହିଛନ୍ତି, ଚନ୍ଦ୍ରଶେଖର ଏକାଡେମୀରେ ନର୍ସରି ଠାରୁ +୨(ବିଜ୍ଞାନ) ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ତତ୍‌ସହିତ ସିବିଏସ୍‌ଇ ପାଠ୍ୟକ୍ରମର ବ୍ୟବସ୍ଥା ସହ ପିଲାମାନଙ୍କୁ ମାଗଣାରେ ଜାପାନିଜ୍ ଭାଷା ଶିକ୍ଷାଦାନ ଦିଆଯାଉଛି। ଭାରତ -ଜାପାନ ମୈତ୍ରୀ କେନ୍ଦ୍ର, ଜାପାନର ସଭାପତି କୁନା ଦାଶ, ଏକାଡେମୀ ସମ୍ପାଦକ ସଞ୍ଜୀବ କୁମାର ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜାପାନ ଆଇଟି କମ୍ପାନୀରେ ନିଯୁକ୍ତି ପାଇଥିବା ଚନ୍ଦ୍ରଶେଖର ଏକାଡେମୀର ୩ ଛାତ୍ର ।

### ଛତୁମେଳାରେ ଯୋଗଦେବାକୁ ପିପିଲି ଛତୁଚାଷୀଙ୍କ ସୋଲାନ ଗସ୍ତ

ପିପିଲି,୭।୯(ଦୁର୍ଗାମାଧବ ମିଶ୍ର)

ହିମାଚଳ ପ୍ରଦେଶର ସୋଲାନଠାରେ ଆସନ୍ତା ୧୦ ତାରିଖରେ ଅନ୍ତର୍ଜାତୀୟ ଛତୁମେଳା ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ପିପିଲି ବ୍ଲକ ଅଧୀନ ଜଇଶିପାଟଣାର ରଶ୍ମିରେଖା ଛତୁ ଫାର୍ମର ନିର୍ଦ୍ଦେଶକ ତଥା ସଫଳ ଚାଷୀ ସଞ୍ଜିତ୍ ମହାନ୍ତି ଗୁରୁବାର ତାଙ୍କ ଟିମ୍ ସହ ସୋଲାନ ଗସ୍ତ କରିଛନ୍ତି। ଏହି ୨ ଦିନିଆ ମେଳାରେ ଦେଶର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଛତୁଚାଷ, ଛତୁ ପ୍ରକ୍ରିୟାକରଣ ସମ୍ବନ୍ଧରେ ଛତୁ ବିଶେଷଜ୍ଞ ଏବଂ ଚାଷୀଙ୍କ ମଧ୍ୟରେ ବୈଷୟିକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ମେଳାରେ ସଞ୍ଜିତ୍ ପାଳଛତୁରୁ ପ୍ରସ୍ତୁତ ପ୍ରାୟ ୧୫ ପ୍ରକାର ଛତୁ ଖାଦ୍ୟ ପ୍ରଦର୍ଶିତ କରିବେ।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ଶିକ୍ଷକ ସଂଘ

ସାକ୍ଷୀଗୋପାଳ,୭।୯

(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଓଡ଼ିଶା ପକ୍ଷରୁ ବିଭିନ୍ନ ଦାବି ନେଇ ୩୦୦ ଶିକ୍ଷୟିତ୍ରୀ ଶିକ୍ଷକ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଏନେଇ ଶିକ୍ଷକ ନେତାମାନେ ଏହି ଧାରଣା ସମ୍ପର୍କିତ ଦାବିପତ୍ର ଗୁରୁବାର ବ୍ଲକ ସହ ଶିକ୍ଷା ଅଧିକାରୀ କୁମୁଦିନୀ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ହେଲା– ୬ ବର୍ଷର ମୂଳ ଚାକିରି ଗଣନା ସହ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ ପ୍ରଦାନ ଭଳି ସମସ୍ତ ସୁବିଧା ସୁଯୋଗ ଦେବା। ଉପରୋକ୍ତ ଦାବିକୁ ନେଇ ଏହି ଧାରଣା ଦିଆଯିବ ବୋଲି ସଂଘ ସଭାପତି ପ୍ରହଲ୍ଲାଦ ଦାଶ ଓ ସମ୍ପାଦକ ବିଜୟ କିଶୋର ନନ୍ଦ ପ୍ରକାଶ କରିଛନ୍ତି।

# ନିର୍ମାଣର ୨ମାସ ନ ପୂରୁଣୁ ଭୁଶୁଡ଼ିଲା ଉପସ୍ୱାସ୍ଥ୍ୟକେନ୍ଦ୍ର କାନ୍ଥ

**ନିମ୍ନମାନର କାମ ନେଇ ଗ୍ରାମବାସୀଙ୍କ ଅଭିଯୋଗ**

ଡେଲାଙ୍ଗ,୭।୯(ରଶ୍ମିରଞ୍ଜନ ପ୍ରଧାନ)

ଜେନାପୁର ପଞ୍ଚାୟତର ଗୋବିନ୍ଦପୁରଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ୨ ମାସ ନ ପୂରୁଣୁ ସ୍ୱାସ୍ଥ୍ୟକେନ୍ଦ୍ରର ମୂଳଦୁଆ କାନ୍ଥ ଭୁଶୁଡ଼ି ପଡ଼ିଛି। ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଜେନାପୁର ପଞ୍ଚାୟତର ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଟେଣ୍ଡର ଡକାଯିବା ପରେ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରାଯାଇଥିଲା। ଗତ ଜୁଲାଇ ମାସରେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ମାଝୀଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ପଡିବା ସହିତ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କନିଷ୍ଠ ଯନ୍ତ୍ରୀ ମାଝି ଭିଜିଲାନ୍ସ ହାତରେ ଧରାପଡି ନିଲମ୍ବିତ ହେବା ପରେ କାର୍ଯ୍ୟ ନିରୀକ୍ଷଣ କରିବାକୁ କେହି ଆସି ନ ଥିଲେ। ଫଳରେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରିଥିଲେ। ଏନେଇ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଯନ୍ତ୍ରୀ ଲୋପାମୁଦ୍ରା ପତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତେବେ ଏହି ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀ ବ୍ଲକ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡିଛି।


**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE (Addendum)**

**No.1538/ CM Dated 05.09.2023**

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.

1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam


# ଭାଜପା ପକ୍ଷରୁ ନିମାପଡ଼ାରୁ 'ମୋ ମାଟି ମୋ ଦେଶ' ଯାତ୍ରା ଶୁଭାରମ୍ଭ



ପ୍ରସିଦ୍ଧ ଗୋତୀର୍ଥରୁ ଭାଜପା ନେତୃବୃନ୍ଦମାନେ ଅମୃତ କଳସରେ ମାଟି ସଂଗ୍ରହ କରି ନେଉଛନ୍ତି।

ନିମାପଡ଼ା,୭।୯(ବିଚିତ୍ରାନନ୍ଦ ସାହୁ)

ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' ଯାତ୍ରାର ଶୁଭାରମ୍ଭ ଗୁରୁବାର ନିମାପଡ଼ାରୁ ହୋଇଛି। ଏହି ଅବସରରେ ଚାରିଛକ ନିକଟ ତୁଳସୀପୁର ପଞ୍ଚାୟତ ଅମରେଶ୍ୱରର ପବିତ୍ର ଗୋତୀର୍ଥ ଓ ଶହୀଦ ମନୋଜ ବେହେରାଙ୍କ ଜନ୍ମପୀଠରୁ ପୂଜାର୍ଚ୍ଚନା କରାଯାଇ ଅମୃତ କଳସରେ ମାଟି ଉଠାଯାଇଛି। ଏହି କାର୍ଯ୍ୟକ୍ରମ ସାରା ଦେଶରେ ଭାଜପା ପକ୍ଷରୁ ଚାଲିଥିବାବେଳେ ଗୁରୁବାର ନିମାପଡ଼ା ବ୍ଲକରେ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ନିମାପଡ଼ା ନିର୍ବାଚନମଣ୍ଡଳୀର ୪୬ଟି ପଞ୍ଚାୟତରେ ଚାଲିବ ବୋଲି ଭାଜପାର ନେତୃବୃନ୍ଦ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ହେଉଛି, ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ, ପ୍ରତ୍ୟକଟି ସମୟ ରାଷ୍ଟ୍ର ପତି ସମର୍ପଣ ହିଁ ସ୍ୱତନ୍ତ୍ରତା ପାଇ ବଳିଦାନ ଦେଇଥିବା ବୀରଙ୍କ ପ୍ରତି ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଆଜାଦି କା ଅମୃତ ମହୋତ୍ସବ ଅନ୍ତର୍ଗତ ଦେଶ ପାଇଁ ଜୀବନ ଦେଇଥିବା ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଏହି ଅଭିଯାନ ଆରମ୍ଭ ଓ ଆୟୋଜିତ ହୋଇଥିବା ଦଳୀୟ ନେତୃବୃନ୍ଦ କହିଛନ୍ତି। ଏହି ମାଟି ସଂଗ୍ରହ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ପଦଯାତ୍ରାରେ ଭାଜପାର ରାଜ୍ୟସ୍ତରୀୟ ବରିଷ୍ଠ ନେତା ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ଦିଲ୍ଲୀପ ନାୟକ, ବର୍ଷୀୟାନ ନାରୀନେତ୍ରୀ ପ୍ରଭାତୀ ପରିଡ଼ା, ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ପୂର୍ଣ୍ଣଚନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ମିଶ୍ର, ମହିଳା ନେତ୍ରୀ ମୀନଲତା ମହାନ୍ତି, ଲକିବାଳା ନାୟକ, ସୌଦାମିନୀ ସେନାପତି ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ପଦଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିବାବେଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଭାଜପା ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଭଗବତୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

କୋଣାର୍କ,୭।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଭଗବତୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମା' ଭଗବତୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସଞ୍ଜୁକ୍ତା ତ୍ରିପାଠୀ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ପଦ୍ମଚରଣ ବେଉରା, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ହରେକୃଷ୍ଣ ମହାପାତ୍ର, ରାଜକିଶୋର ମହାପାତ୍ର, ହୃଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଆମ ମହାବିଦ୍ୟାଳୟ ଯୋଜନାରେ ଖୁବ୍‌ଶୀଘ୍ର ମହାବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ମିଶ୍ର କହିଥିଲେ। ଛାତ୍ରୀଛାତ୍ର ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।





**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(₹):** 48,85,826.25, EMD(₹):97,700/- ।

ବିଡ଼୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.09.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍

PR-554/O/23-24



## ନୋଟିସ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ କଟକ ସଦର ଥାନା ଅଧୀନ ଗଙ୍ଗେଶ୍ୱର ମୌଜାର ନାମକାରୀ ସଂଶୋଧିତ ମତେ ସାବକ ଖାତା ନଂ.-401, ସବ୍ ପ୍ଲଟ ନଂ-51, କିସମ-ଘରବାଡ଼ି, ସ୍ଥିତିବାନ ହାଲ୍ ଖାତା ନଂ.-401/2, ବିକ୍ରି କବଲା ନଂ-11831500727, ତା.09.07.2015, ମୌଜା-ଗଙ୍ଗେଶ୍ୱର, ତହସିଲ/ଏସ୍‌ଆର୍‌ଓ-ବାରଙ୍ଗ ଅନ୍ତର୍ଭୁକ୍ତ ସମ୍ପତ୍ତିକୁ ମୁଁ ନିମ୍ନ ସ୍ୱାକ୍ଷରକାରୀ ତା.09.07.2015, କବଲା ନଂ.-11831500727 ରେଜେଷ୍ଟ୍ରି କବଲା ମୂଳେ ଖରିଦକରି ନିଜ ନାମେ ନାମଜାରି ହାଲ୍ ଖାତା ନଂ.-401/94, ପ୍ଲଟ୍ ନଂ.-280/2011, ମୌଜା-ଗଙ୍ଗେଶ୍ୱର, ତହସିଲ/ଏସ୍‌ଆର୍‌ଓ-ବାରଙ୍ଗ, କଟକ ନାମଜାରି କରି ଷୋଳଅଣ ସ୍ୱତ୍ୱବାନ, ଦଖଲକାର ଥିଲି ଓ ଅଛି । ମାତ୍ର ମୁଁ ନୋଟିସଦାତା ଶ୍ରୀ ଅରୁଣ କୁମାର ବିଶ୍ୱାଳ ମୋର ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ରେସିଡେନ୍ସି ବାସଗୃହ ମୁକାମାରୁ ସୁନ୍ଦରପଦା ବଜାରକୁ ଯିବା ସମୟରେ ମୋର ଏକ ବ୍ୟାଗ୍ ସହିତ ଉପରୋକ୍ତ ଅସଲି ରେଜେଷ୍ଟ୍ରି କବଲା ତତ୍‌ସଂଲଗ୍ନ ସମସ୍ତ କାଗଜପତ୍ର ଓ ଉକ୍ତ ରେଜେଷ୍ଟ୍ରି ଅସଲି କବଲା କେଉଁଠାରେ ହଜିଯାଇଛି । ନିଜସ୍ୱ ଅନେକ ଚେଷ୍ଟାପରେ ଅଦ୍ୟାବଧି ତାହା ମିଳିପାରିନାହିଁ । ଉପରୋକ୍ତ ବିଷୟରେ ମୁଁ ଏୟାରଫିଲ୍ଡ ଥାନାରେ ତା.23.08.2023 ରିଖରେ ଜଣାଇବା ପରେ ତାହା ତା.29.08.2023 ରିଖରେ ଜିଡି ନଂ- 009/2023ରେ ପଞ୍ଜୀକୃତ ହୋଇ ଦରଜ ହୋଇଅଛି । ଏତଦ୍‌ଭିନ୍ନ ମୁଁ ନୋଟିସକାରୀ ତା.25.08.2023 ରିଖରେ ଉପରୋକ୍ତ ଦଲିଲର ଜାବିଦା ନକଲକପି ଅନ୍‌ଲାଇନ୍ ଦ୍ୱାରା ପ୍ରାପ୍ତ ହୋଇ ତାହାକୁ ଅସଲ ଦଲିଲ ହିସାବରେ ବ୍ୟବହାର କରୁଅଛି । ଅଧୁନା ଉପରୋକ୍ତ ସମ୍ପତ୍ତିକୁ ମୁଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାସନଗର, ଯାଜପୁର ଶାଖାରେ ବନ୍ଧକ ଦେଇ ଏଆର୍‌ଏମ୍ ଇନ୍‌ଫ୍ରାଷ୍ଟ୍ରକ୍ଟର ପ୍ରା.ଲି଼. ନାମରେ ଋଣ ନେବାପାଇଁ ମନସ୍ଥ କରିଅଛି । ଏବଂ ଏତଦ୍‌ଭିନ୍ନ ମୁଁ କୌଣସି ବ୍ୟାଙ୍କ କିମ୍ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଉକ୍ତ ଅସଲି ଦଲିଲକୁ ଜମାଦେଇ ଉକ୍ତ ଖାତାଭୁକ୍ତ ସମ୍ପତ୍ତିକୁ ବନ୍ଧକ ଦେଇନାହିଁ । ଯଦି କୌଣସି ବ୍ୟକ୍ତି, ବ୍ୟାଙ୍କ୍ ବା ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର କୌଣସି ଆପତ୍ତି/ସୂଚନା ଥାଏ, ତେବେ ଉପରୋକ୍ତ ବ୍ୟାଙ୍କ୍ କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

ନୋଟିସଦାତାଙ୍କ ସ୍ୱାକ୍ଷର ଏବଂ ଠିକଣା:

ଶ୍ରୀ ଅରୁଣ କୁମାର ବିଶ୍ୱାଳ

ଲିଙ୍ଗରାଜ ରେସିଡେନ୍ସି, ଫ୍ଲାଟ୍ ନଂ-ସି-୧୦୧,

ଭୀମେଶ୍ୱର ମାର୍ଗ, ଲେନ୍ ନଂ-୧୯, ଭୀମଟାଙ୍ଗି, ଭୁବନେଶ୍ୱର-୨



**यूनियन बैंक ऑफ इंडिया Union Bank of India**

ଆସେଟ୍ ରିକଭରି ଶାଖା, ଡି-୨୬/୨୮, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧

(ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - ubin0554723@unionbankofindia.bank

**ବିକ୍ରୟ ନୋଟିସ**

**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ

ଏତଦ୍ଵାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ-ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱା- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱା- ଶ୍ରୀ ଦୀପକ ଭରଦ୍ୱାଜ, ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨ । ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ । ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ, ବାସିନ୍ଦା- ସି-୬, ସେକ୍ଟର-୨୭, ନଏଡା-୨୦୧୩୦୧। | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ₹୩,୮୫,୩୫,୦୦୦/- / ₹୩୮,୬୦,୦୦୦/- / ₹୫୦,୦୦୦/- | ୨୬।୦୯।୨୦୨୩ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮/୫୧୧୭ | ଏ.୦.୫୭୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ

– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ

– ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୁଖ୍ୟ ପ୍ରବନ୍ଧକ, ମୋବାଇଲ ନଂ. ୮୯୫୦୮୬୦୯୨୨

ତାରିଖ: ୦୭।୦୯।୨୦୨୩, ସ୍ଥାନ: ନୂଆଦିଲ୍ଲୀ

ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

